CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୪୧ ◆ ଭୁବନେଶ୍ୱର ◆ ସୋମବାର ◆ ଜୁନ୍ ୦୧ରୁ ଜୁନ୍ ୦୭, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-41 ◆ Bhubaneswar ◆ Monday ◆ June 01 to June 07, 2026 ◆ Page-8 ◆ Price Rs.4.00

## ତାଣ୍ଡବ ରଚିବ କାଳବୈଶାଖୀ !

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ କରାଳ ରୂପ ଦେଖାଇବ। ପାଣିପାଗ ବିଭାଗ ଭୀଷଣ ପବନ ସହିତ କୁଆପଥର ବର୍ଷା ହେବାର ପୂର୍ବାନୁମାନ କରିଛି। ଘଣ୍ଟା ପ୍ରତି ପବନର ବେଗ ୬୦-୭୦ କିଲୋମିଟର ପହଞ୍ଚିବାର ସମ୍ଭାବନା ରହିଛି। ଏଥିସହ କୁଆପଥର ବର୍ଷା ହେବ ବୋଲି କହିଛି ପାଣିପାଗ କେନ୍ଦ୍ର। ଏନେଇ ଉତ୍ତର ଓ ଦକ୍ଷିଣ ଓଡ଼ିଶା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ବିଶେଷ କରି କନ୍ଧମାଳ ଓ ଗଜପତି ଜିଲ୍ଲା ଏହା ଦ୍ୱାରା ବିଶେଷ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ବର୍ତ୍ତମାନ ରାଜ୍ୟ ଉପରେ ଏକ ସକ୍ରିୟ ଟ୍ରାପ୍ ଲାଇନ୍ ରହିଛି। ଏହା ପୂର୍ବ କେନ୍ଦ୍ରୀୟ ବଙ୍ଗପସାଗର ମୁହାଁ ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭବନା ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ୨ ଜିଲ୍ଲା ଗଜପତି ଓ କନ୍ଧମାଳରେ ପ୍ରବଳ କୁଆପଥର ବର୍ଷା ସହ ବଜ୍ରପାତ ଓ ଘଣ୍ଟାପ୍ରତି ୬୦-୭୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ୨ ଜିଲ୍ଲାକୁ ପାଣିପାଗ ବିଭାଗ ରେଡ୍ ୱାର୍ଣ୍ଣିଂ ଜାରି କରିଛି। ସେହିପରି କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାରେ କୁଆପଥର ସହ ପ୍ରବଳ ବର୍ଷା ହେବ। ଏହି ୩ ଜିଲ୍ଲା ବ୍ୟତୀତ ଗଞ୍ଜାମ, ନୟାଗଡ଼, ରାୟଗଡ଼ା, କଳାହାଣ୍ଡି, ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ୫୦-୬୦ କିମି ବେଗରେ ପବନ ବହିବ। ଏସବୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ୧୬ଟି ଜିଲ୍ଲାକୁ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେଗୁଡିକ ହେଲା ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ବରଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି, ପୁରୀ ଓ ଖୋର୍ଦ୍ଧା। ଆସନ୍ତା ଜୁନ ୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ବିଭାଗ ରାଜ୍ୟରେ କାଳବୈଶାଖୀ ବର୍ଷା ପାଇଁ ସତର୍କ ସୂଚନା ଦେଇଛି।

## ଖୋଳତାଡ଼ କରିବେ ସରକାର, ଖୋଲିବ 'ଲକ୍ଷ୍ମୀ ବସ୍' ଦୁର୍ନୀତି ଗୁମର




ଭୁବନେଶ୍ୱର,(ଜା.ପ୍ର): 'ଲକ୍ଷ୍ମୀ ବସ୍' ଓ 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାର ଖୋଳତାଡ଼ କରିବେ ରାଜ୍ୟ ସରକାର। ଯୋଜନାରେ ଟଙ୍କା ବ୍ୟୟ, ୟୁସି ଦାଖଲ ଓ ପରାମର୍ଶଦାତା ନିଯୁକ୍ତିକୁ ନେଇ ଅକାଉଣ୍ଟାଣ୍ଟ ଜେନେରାଲ(ଏଜି) ପ୍ରଶ୍ନ ଉଠାଇଛନ୍ତି। ଗତ ସରକାରଙ୍କ ଅମଳରେ 'ଲକ୍ଷ୍ମୀ ବସ୍' ଯୋଜନା ଯାହାକି ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଆମ ବସ୍ ଷ୍ଟାଣ୍ଡ ଯୋଜନାରେ ଅର୍ଥ ବ୍ୟୟ ଏବଂ ପ୍ରଶାସନିକ ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏଜି। ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍ ସେବା ଓ ଆମ ବସଷ୍ଟାଣ୍ଡ ଯୋଜନାରେ ଟଙ୍କା ବ୍ୟୟ, ୟୁସି ଦାଖଲ ଓ ପରାମର୍ଶଦାତା ନିଯୁକ୍ତିକୁ ନେଇ ଏଜିଙ୍କ ବିଭିନ୍ନ ବିଭାଗକୁ ଚିଠି ପରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତତ୍ପରତା ଦେଖାଇଛି।ଉଭୟ ଯୋଜନାରେ ଦିଆଯାଇଥିବା ଫଣ୍ଡ, ୟୁଟିଲାଇଜେସନ୍ ସାର୍ଟିଫିକେଟ୍, ଖର୍ଚ୍ଚ ହୋଇପାରନିଥିବା ଟଙ୍କା, ପରାମର୍ଶଦାତା ନିଯୁକ୍ତି ଓ ମାଗଣା ବସ୍ ଯାତ୍ରା ପରି ବିଷୟରେ ବିଭାଗକୁ ଏଜି ସ୍ପଷ୍ଟୀକରଣ ମାଗିଛନ୍ତି। ୨୦୨୩-୨୪ରୁ ୨୦୨୫-୨୬ ମଧ୍ୟରେ ଲକ୍ଷ୍ମୀ ବସ୍ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ପାଇଁ ମୋଟ୍ ୨ ହଜାର ୮୦୬ କୋଟି ଟଙ୍କାର ଅନୁଦାନ ରାଶିର ବଡ଼ ଅଂଶ ବର୍ଷ ଶେଷ ପର୍ଯ୍ୟନ୍ତ ବ୍ୟୟ ହୋଇନଥିଲେ ମଧ୍ୟ ପୁଣିଥରେ ଅର୍ଥ ଅନୁଦାନ ଦିଆଯିବା ନେଇ ଅଡିଟ୍‌ରେ ପ୍ରଶ୍ନ ଉଠାଯାଇଛି। ୨୦୨୩-୨୪ରେ ୧୫୩ କୋଟି ୫୬ ଲକ୍ଷ, ୨୦୨୪-୨୫ରେ ୩୬୯ କୋଟି ୧୮ ଲକ୍ଷ ଓ ୨୦୨୫-୨୬ରେ ୪୭୮ କୋଟି ୩୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରି ନଥିଲା। ଏତେ ଟଙ୍କା କାହିଁକି ଖର୍ଚ୍ଚ ହୋଇପାରିଲା ନାହିଁ, ତା ସତ୍ତ୍ୱେ ପୁଣି କିପରି ବିଭାଗ ପକ୍ଷରୁ ଅଧିକ ଅର୍ଥ ଦିଆଯାଇଥିଲା ସେ ନେଇ ସ୍ପଷ୍ଟୀକରଣ ମଗାଯାଇଛି। ଖାଲି ସେତିକି ନୁହେଁ, ଓଏସ୍ଆର୍‌ଟିସି ଦ୍ୱାରା ଏକ୍ସପେଣ୍ଡିଚର୍ ଷ୍ଟେଟମେଣ୍ଟ ଓ ୟୁସି ଦାଖଲ କରାନଯିବା, ବିଶେଷ କରି ୨୦୨୪-୨୫ ତୃତୀୟ କ୍ୱାର୍ଟର ପରଠାରୁ ଏକ୍ସପେଣ୍ଡିଚର୍ ଷ୍ଟେଟମେଣ୍ଟ ଦିଆଯାଇନଥିବା ନେଇ ଅଡିଟ୍ ଆପତ୍ତି ଜଣାଇଛନ୍ତି। ସେହିଭଳି ଲକ୍ଷ୍ମୀ ଯୋଜନା ପାଇଁ ପରାମର୍ଶଦାତା ଭାବେ ଦିଲ୍ଲୀ ଇଣ୍ଟିଗ୍ରେଟେଡ୍ ମଲ୍ଟିମୋଡାଲ୍ ଟ୍ରାନଜିଟ୍ ସିଷ୍ଟମ୍ (ଡିଆଇଏମ୍‌ଟିଏସ୍)କୁ ନିଯୁକ୍ତି ଦେବା ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଛି। ୨୦୨୩ ଅକ୍ଟୋବରରେ ୬ ମାସ ପାଇଁ ପ୍ରତିମାସ ୨ କୋଟି ୧୪ ଲକ୍ଷ ଟଙ୍କା ଫି'ରେ ଡିଆଇଏମ୍‌ଟିଏସ୍‌କୁ ନିଯୁକ୍ତ କରାଯାଇଥିଲା, ପରେ ଏହାକୁ ଆଉ ୬ ମାସ ବଢ଼ାଯାଇଥିଲା। ଅନ୍ୟପକ୍ଷରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ କହିଛନ୍ତି, ବିଜେପି ସରକାର ଅର୍ଥକୁ ସଠିକ୍ ଢଙ୍ଗରେ ବ୍ୟବହାର କରିଛନ୍ତି। ଏଜିଙ୍କ ରିପୋର୍ଟ ତର୍ଜମା କରି ଖୁବଶୀଘ୍ର ପଦକ୍ଷେପ ନେବୁ। ସେପଟେ ଏଜିଙ୍କ ଚିଠି ପରେ ଲକ୍ଷ୍ମୀ ବସ୍ ସେବାକୁ ନେଇ ତେଜିଛି ରାଜନୀତି। ବିଜେଡି କହିଛି ଆର୍ଥିକ ପରିଚାଳନା ଓ ବିତ୍ତୀୟ ଶୃଙ୍ଖଳାରେ କେମିତି କାମ ହୁଏ ତାହା ସରକାରଙ୍କୁ ଜଣା ନାହିଁ। ସେପଟେ କଂଗ୍ରେସ ଦାବି କରିଛି, ଦୁର୍ନୀତିର ତୁରନ୍ତ ପର୍ଦ୍ଦାଫାସ୍ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଉ। ତେଣେ ବିଶେଷଜ୍ଞ କହିଛନ୍ତି, ଲକ୍ଷ୍ମୀ ବସ୍ ସେବା ବା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ସଂପୂର୍ଣ୍ଣ ବନ୍ଦ କରିବାର ଆବଶ୍ୟକତା ରହିଛି। ୨୦୨୩ ଅକ୍ଟୋବର ୧୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାରୁ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ। ଯୋଜନା ଥିଲା ପ୍ରତି ପଞ୍ଚାୟତରୁ ବ୍ଲକ୍ ସଦର ମହକୁମାକୁ ବସ୍ ଗଡ଼ିବ, ଯେଉଁଥିରେ ଖୁବ୍ କମ୍ ଖର୍ଚ୍ଚରେ ମହିଳା, ଛାତ୍ରଛାତ୍ରୀ ଓ ଗରିବ ଲୋକେ ଯିବାଆସିବା କରିପାରିବେ।

### ମୋଦୀଙ୍କ 'ମନ୍ କି ବାତ୍'

## ଓଡ଼ିଶାର ବେଲପଣା, ଆମ୍ବକୁ ପ୍ରଶଂସା

ଭୁବନେଶ୍ୱର,(ଜା.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ୍' ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ସମ୍ବୋଧନରେ ସେ ଓଡ଼ିଶାର ବେଲପଣାକୁ ପ୍ରଶଂସା କରିଛନ୍ତି। କେବଳ ବେଲପଣା ନୁହେଁ ଓଡ଼ିଶାର ସୁବର୍ଣ୍ଣରେଖା ଆମ୍ବକୁ ମଧ୍ୟ ମୋଦୀ ପ୍ରଶଂସା କରିଛନ୍ତି। ଦେଶର ବିଭିନ୍ନ ପାରମ୍ପାରିକ ପାନୀୟର ଚର୍ଚ୍ଚା ବେଳେ ମୋଦୀ ଓଡ଼ିଶାର ବେଳ ପଣା ଓ ସୁବର୍ଣ୍ଣରେଖା ଆମ୍ବକୁ ବେଶ୍ ପ୍ରଶଂସା କରିଛନ୍ତି।



ମୋଦୀ କହିଛନ୍ତି ଯେ, ଗ୍ରୀଷ୍ମ ଋତୁରେ ପ୍ରାକୃତିକ ଓ ସ୍ଥାନୀୟ ପାନୀୟର ଚାହିଦା ବଢ଼ିଥାଏ। ଏହି ପାନୀୟ କେବଳ ଶରୀରକୁ ଥଣ୍ଡା ରଖେ ନାହିଁ, ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ହୋଇଥାଏ। ଦେଶର ବିଭିନ୍ନ ଅଞ୍ଚଳରେ ମିଳୁଥିବା ପାରମ୍ପରିକ ପାନୀୟ ମଧ୍ୟରେ ଓଡ଼ିଶାର ବେଲପଣା ଏକ ସ୍ୱତନ୍ତ୍ର ସ୍ଥାନ ରଖିଛି ବୋଲି ସେ କହିଛନ୍ତି। ବେଲ ଫଳରୁ ପ୍ରସ୍ତୁତ ଏହି ପାନୀୟ ଶରୀରକୁ ଶୀତଳ ରଖିବା ସହ ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରିଥାଏ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହାସହ ଓଡ଼ିଶାର ଆମ୍ବର ସ୍ୱାଦ ଓ ଗୁଣବତ୍ତାକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଉତ୍ପାଦିତ ଆମ୍ବ ଦେଶର ବିଭିନ୍ନ ସ୍ଥାନରେ ଲୋକପ୍ରିୟ ହୋଇଥିବାବେଳେ ଏହା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରୁଛି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ମୁଖରୁ ଓଡ଼ିଶାର ବେଲପଣା ଓ ଆମ୍ବର ପ୍ରଶଂସା ଶୁଣି ରାଜ୍ୟବାସୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଏହା ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତି ଓ କୃଷିଜାତ ଉତ୍ପାଦକୁ ଜାତୀୟ ସ୍ତରରେ ଆହୁରି ପରିଚିତ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଉଛି ।

### ଦେଶକୁ ମିଳିଲା ନୂଆ ସିଡିଏସ୍

## ଦାୟିତ୍ୱ ନେଲେ ଏନ୍.ଏସ୍ ରାଜା ସୁଭ୍ରମଣି

ନୂଆଦିଲ୍ଲୀ,(ଏଜେନ୍ସି): ଦେଶକୁ ମିଳିଲା ନୂଆ ସିଡିଏସ୍। ତୃତୀୟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ନେଇଛନ୍ତି ଏନଏସ୍ ରାଜା ସୁଭ୍ରମଣି। ତିନି ସଶସ୍ତ୍ର ବାହିନୀ ପକ୍ଷରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଛି। ପ୍ରଥମ ସିଡିଏସ ବିପିନ ରାୱତ, ଦ୍ୱିତୀୟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାପ ଅନୀଲ ଚୌହାନଙ୍କ ପରେ ଦେଶର ତୃତୀୟ ସିଡିଏସ ହୋଇଛନ୍ତି ରାଜା ସୁବ୍ରମଣି। ଶନିବାର ଅବସର ନେଇଥିଲେ ଅନୀଲ ଚୌହାନ। ତେବେ ନୂତନ ଦାୟିତ୍ୱ ଗ୍ରହଣ କରି ସେନା ଏବଂ ସ୍ୱଦେଶୀ ଅସ୍ତ୍ରଶସ୍ତ୍ରର ସମନ୍ୱୟ ଉପରେ ଧ୍ୟାନ ଦେବେ ବୋଲି କହିଛନ୍ତି ନୂଆ ସିଡିଏସ୍ ସୁବ୍ରମଣି। ଦାୟିତ୍ୱ ଗ୍ରହଣ କରି ନୂଆ ସିଡିଏସ କହିଛନ୍ତି, 'ସାଂଗଠନିକ ସଂସ୍କାର ଏବଂ ସଶସ୍ତ୍ର ବାହିନୀର ରୂପାନ୍ତର ଏବଂ ତ୍ରିସେବା ମଧ୍ୟରେ ଗଭୀର ସମନ୍ୱୟ ତାଙ୍କର ପ୍ରାଥମିକତା ମଧ୍ୟରେ ରହିବ। ଆମେ ସଶସ୍ତ୍ର ବାହିନୀରେ ସ୍ୱଦେଶ ଅସ୍ତ୍ରଶସ୍ତ୍ରର ବିକାଶ ଏବଂ ତିନୋଟି ସେବାର ସମନ୍ୱୟ ଉପରେ ଦ୍ରୁତ ଗତିରେ କାମ କରିବୁ। ଆମର ସଶସ୍ତ୍ର ବାହିନୀ ଜାତୀୟ ସ୍ୱାର୍ଥର ସୁରକ୍ଷାରେ ନିରନ୍ତର ବୃତ୍ତିଗତତା ଏବଂ ନିର୍ଣ୍ଣାୟକତା ପ୍ରଦର୍ଶନ କରିଛି। ଆମେ ଭାରତର ସାର୍ବଭୌମତ୍ୱ ବଜାୟ ରଖିବା ଏବଂ ଏହାର କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ପ୍ରତିବଦ୍ଧ। ମୁଁ ଭାରତର ନାଗରିକମାନଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି ଯେ, ସଶସ୍ତ୍ର ବାହିନୀ ସମର୍ପଣ, ସାହସ, ସମ୍ମାନ ଏବଂ ବୃତ୍ତିଗତତାର ସହିତ ରାଷ୍ଟ୍ରର ସେବା ଜାରି ରଖିବ।'



CMYK


ଜାତୀୟ ଚେତନା
JATIYA CHETANA



## ଅନୁପ୍ରବେଶ ରୋକିବାକୁ ଗଠନ ହେଲା ଉଚ୍ଚସ୍ତରୀୟ କମିଟି

# ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଅନୁପ୍ରବେଶ ବିପଦ : ଅମିତ ଶାହ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ସୀମାରେ ଅନୁପ୍ରବେଶ ରୋକିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମଙ୍ଗଳବାର ଅନୁପ୍ରବେଶ ପ୍ରସଙ୍ଗରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟି ଗଠନ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ୍ସ ଯୋଗେ ସୂଚନା ଦେଇଛନ୍ତି। ଶ୍ରୀ ଶାହଙ୍କ ସୂଚନା ଅନୁଯାୟୀ କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରକାଶ ପ୍ରଭାକର ନାବଲେକର ନେବେ। ଏଥିରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଦୁର୍ଗା ଶଙ୍କର ମିଶ୍ର, ପୂର୍ବତନ ଆଇପିଏସ ଅଫିସର ବାଲାଜୀ ଶ୍ରୀବାସ୍ତବ, ଅର୍ଥନୀତିଜ୍ଞ ଡକ୍ଟର ଶାମିକା ରବି ଓ ଜନଗଣନା କମିଶନର ସଦସ୍ୟ ଭାବେ ରହିବେ। ଅନୁପ୍ରବେଶ ଦେଶର ସାର୍ବଭୌମତ୍ୱ, ଜାତୀୟ ସୁରକ୍ଷା, ସାମାଜିକ ସମାନତା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ସରକାର କହି ଆସୁଛନ୍ତି। ଏପରି କି ଅନୁପ୍ରବେଶ ଯୋଗୁ ସୃଷ୍ଟି ହୋଇଥିବା ସ୍ଥିତିର ଅନୁଧ୍ୟାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୫ ଅଗଷ୍ଟ ୧୫ରେ ଗୋଟିଏ କମିଟି ଗଠନ କରିବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ



ଏହି ପ୍ରତିଶ୍ରୁତିର ପ୍ରାୟ ୯ ମାସ ପରେ ଆଜି କେନ୍ଦ୍ର ସରକାର ଅନୁପ୍ରବେଶ ପ୍ରସଙ୍ଗରେ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଅନୁପ୍ରବେଶ ଯୋଗୁ ଦେଶରେ ଦେଖାଯାଇଥିବା ଅପ୍ରାକୃତି ଭୌଗଳିକ ପରିବର୍ତ୍ତନର ଯାଞ୍ଚ ପାଇଁ ଏହି କମିଟି ଗଠନ କରାଯାଇଥିବା ଶ୍ରୀ ଶାହ କହିଛନ୍ତି। ସେ ଏକ୍ସ ଯୋଗେ ଗତବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଘୋଷଣା ଅନୁସାରେ କମିଟି ଗଠନ କରାଯାଇଥିବା କଥା ବି ସମସ୍ତଙ୍କୁ ଅବଗତ କରିଛନ୍ତି। ସେ କହିଛନ୍ତି, "ଅନୁପ୍ରବେଶ ଓ ଅନ୍ୟ କାରଣରୁ ହେଉଥିବା ଅପ୍ରାକୃତି ଭୌଗଳିକ ପରିବର୍ତ୍ତନ ଯେକୌଣସି ରାଷ୍ଟ୍ରର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଗୋଟିଏ ବଡ଼ ଚ୍ୟାଲେଞ୍ଜ। ଏହି ଚ୍ୟାଲେଞ୍ଜରୁ ମୁକୁଳିବା ପାଇଁ ୨୦୨୫ ମସିହା ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ 'ଭୌଗଳିକ ପରିବର୍ତ୍ତନ'କୁ ନେଇ ଗୋଟିଏ ଉଚ୍ଚସ୍ତରୀୟ କମିଟିର ଘୋଷଣା କରିଥିଲେ। ଏବେ ସରକାର ଏହି କମିଟିର ଗଠନ କରି ସାରିଥିବା ମୁଁ ବେଶ ଉତ୍ସାହର ସମସ୍ତଙ୍କୁ ଅବଗତ କରିବାକୁ ଚାହୁଁଛି।" ଯୁଗ୍ମ ସଚିବ, ଗୃହ ମନ୍ତ୍ରଣାଳୟ ଏହି କମିଟିରେ ସଚିବ ସଦସ୍ୟ ଭାବେ କାମ କରିବେ। ଅନୁପ୍ରବେଶ ଓ ଅନ୍ୟ କାରଣରୁ ସମଗ୍ର ଦେଶରେ ହୋଇଥିବା ଭୌଗଳିକ ପରିବର୍ତ୍ତନର ବିସ୍ତୃତ ଯାଞ୍ଚ ଏହି କମିଟି କରିବ। ଅମିତ ଶାହ କହିଛନ୍ତି, 'ଭୌଗଳିକ ପରିବର୍ତ୍ତନ ଆମର ସାର୍ବଭୌମତ୍ୱ ସମେତ ରାଷ୍ଟ୍ରୀୟ ସୁରକ୍ଷା, ଆଇନ ବ୍ୟବସ୍ଥା, ସାମାଜିକ ସମାନତାରେ ବିଭ୍ରାଟ ସୃଷ୍ଟି କରୁଛି। ଏହା ଜନଜାତି ସମାଜର ସଂରକ୍ଷଣ ସହ ଜଡ଼ିତ ଗୋଟିଏ ଗୁରୁତର ସମସ୍ୟା। ଗଠନ ହୋଇଥିବା କମିଟି ବେଆଇନ ପ୍ରବାସୀ ଓ ଅନ୍ୟ ଅସାମାନ୍ୟ କାରଣରୁ ପୂରା ଭାରତରେ ହେଉଥିବା ଭୌଗଳିକ ପରିବର୍ତ୍ତନର ବ୍ୟାପକ ମୂଲ୍ୟାଙ୍କନ କରିବ।'

# ୧୧୮୦ କୋଟି ଟଙ୍କାର କୋକେନ୍ ଜବତ

ନୂଆଦିଲ୍ଲୀ,(ଏଜେନ୍ସି): ଗୁଜରାଟର କଚ୍ଛ ସ୍ଥିତ ମୁଦ୍ରା ପୋର୍ଟରୁ ପ୍ରାୟ ୧୧୮୦ କୋଟି ଟଙ୍କା ମୂଲ୍ୟର ୧୧୮ କିଲୋଗ୍ରାମ ଉଚ୍ଚ ମାନର କୋକେନ୍ ଜବତ କରାଯାଇଛି। ଏହି ବେଆଇନ ନିଶାଦ୍ରବ୍ୟକୁ ବ୍ରାଜିଲ୍‌ରୁ ଅଣାଯାଇ ଭାରତର ରାଜଧାନୀ ଦିଲ୍ଲୀକୁ ପଠାଇବା ପାଇଁ ଯୋଜନା କରାଯାଇଥିଲା। ତେବେ ଏସମ୍ପର୍କରେ ସୂଚନା ମିଳିବା ପରେ ଭାରତୀୟ କୋଷ୍ଟ ଗାର୍ଡ ଏବଂ ଗୁଜରାଟ ଏଟିଏସ୍‌ର ଏକ ମିଳିତ ଟିମ୍ ଭାରତୀୟ ସାମୁଦ୍ରିକ ସୀମା ମଧ୍ୟରେ ଏକ ସନ୍ଦିଗ୍ଧ କଣ୍ଟେନର ଜାହାଜକୁ କାବୁ କରି ଛାନ୍‌ବିନ୍ କରିଥିଲେ। ତଦନ୍ତ ସମୟରେ ଏହି ଡ୍ରଗ୍ସ ବୋଝେଇ ଜାହାଜଟି ବ୍ରାଜିଲ୍, କେତେକ ଲାଟିନ୍ ଆମେରିକୀୟ ଦେଶ, ମେକ୍ସିକୋ, ଆମେରିକା ଏବଂ ପାକିସ୍ତାନର କରାଚି ଦେଇ ଗୁଜରାଟ ଉପକୂଳରେ ପହଞ୍ଚିଥିଲା ବୋଲି ଜଣାପଡିଛି। ଏହି ଅନ୍ତର୍ଜାତୀୟ ଗ୍ୟାଙ୍ଗ୍ ସହ ଜଡ଼ିତ ୩ବିଦେଶୀ ନାଗରିକଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ (ନାଇଜେରିଆନ୍ ନାଗରିକ) ସମୁଦ୍ରକୁ ଡେଇଁ ଫେରାର୍ ହୋଇଯାଇଛି। ତେବେ ଜାହାଜରେ ଧରାପଡ଼ିଥିବା ଅଭିଯୁକ୍ତଙ୍କ ସୂଚନା ଆଧାରରେ, ଏହି ଡ୍ରଗ୍ସ ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ରହୁଥିବା ଦୁଇଜଣ ବିଦେଶୀ (କ୍ଲାଭିନ୍ ଚୁକଭୁମା-ତଞ୍ଜାନିଆ ନାଗରିକ ଏବଂ ବ୍ୟାରୁହାଙ୍ଗା ଜେମ୍ସ-ୟୁଗାଣ୍ଡା ନାଗରିକ) ଙ୍କ ପାଖକୁ ଯାଉଥିଲା।

# ୩ ଜୁନ୍‌ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଡିକେ

ବେଙ୍ଗାଲୁରୁ,(ଏଜେନ୍ସି): ରୋଟେସନ୍ ନୀତି ଆଧାରରେ କଂଗ୍ରେସ ଏବେ କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରୁଛି। ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇସାରିଥିବା ବେଳେ ଏବେ ପ୍ରଦେଶ କଂଗ୍ରେସର ୨ୟ ନଂ ନେତା ଭାବେ ପରିଚିତ ଡିକେ. ଶିବକୁମାର କର୍ଣ୍ଣାଟକର ୨୪ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ ଶିବକୁମାରଙ୍କୁ ସର୍ବସମ୍ମତି କ୍ରମେ ଦଳର ନେତା ନିର୍ବାଚିତ କରାଯାଇଛି ଏବଂ ଶପଥ ସମାରୋହ ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି। ରିପୋର୍ଟ ଅନୁସାରେ ଦଳୀୟ ହାଇକମାଣ୍ଡଙ୍କ ନିର୍ଦ୍ଦେଶକ୍ରମେ ଗତ ୨୮ ମେ'ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ସିଦ୍ଧରମୈୟା ନିଜେ ଡି.କେ. ଶିବକୁମାରଙ୍କ ନାମ ପ୍ରସ୍ତାବ କରିଛନ୍ତି, ଯାହା ଦଳ ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ସଙ୍କେତ ଦେଉଛି। ସିଦ୍ଧରମୈୟା ୨୦ ମେ' ୨୦୨୩ ରୁ ୨୮ ମେ' ୨୦୨୬ ପର୍ଯ୍ୟନ୍ତ (ପ୍ରାୟ ୩ ବର୍ଷ) ଏହି ପଦବୀରେ ରହିଥିଲେ। ଏବେ ବାକି ୨ ବର୍ଷର ସମୟ ଶିବକୁମାର ପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ। ଆସନ୍ତା ୩ ଜୁନ୍‌ରେ ଲୋକଭବନର 'ଗ୍ଲାସ୍ ହାଉସ୍'ଠାରେ ନୂଆ ମୁଖ୍ୟମନ୍ତ୍ରୀ ତଥା ତାଙ୍କ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଅନୁମାନ କରାଯାଉଛି ଯେ, ଡିକେ ଶିବକୁମାର ନିଜ କ୍ୟାବିନେଟ୍‌ରେ ପୁରୁଣା ମନ୍ତ୍ରୀମାନଙ୍କୁ ବାଦ୍ ଦେଇ ଯୁବପିଢ଼ିଙ୍କୁ ପ୍ରାଥମିକତା ଦେଇପାରନ୍ତି। ଏତଦ୍‌ବ୍ୟତୀତ ରାଜ୍ୟରେ ଜାତିଗତ ଓ ଆଞ୍ଚଳିକ ସମୀକରଣକୁ ସନ୍ତୁଳିତ କରିବା ପାଇଁ ନୂଆ ମୁଖ୍ୟମନ୍ତ୍ରୀଙ୍କ ସହ ୪ ଜଣ ଡେପୁଟିଙ୍କୁ ମଧ୍ୟ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ ବଦଳିବା ସହ ପୂରା କ୍ୟାବିନେଟ୍‌ରେ



ବଡ଼ ଧରଣର ଅଦଳବଦଳ ହେବ। ସବୁଠୁ ବଡ଼କଥା ହେଉଛି ନୂଆ ସରକାରରେ ସିଦ୍ଧରମୈୟାଙ୍କ ପୁଅ ଯଥୀନ୍ଦ୍ର ସିଦ୍ଧରମୈୟା ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେଙ୍କ ପୁଅ ପ୍ରିୟାଙ୍କ ଖର୍ଗେ ମଧ୍ୟ ମନ୍ତ୍ରୀ ପଦ ପାଇବାର ସମ୍ଭାବନା ଅଧିକ ରହିଛି। ଏତଦ୍‌ବ୍ୟତୀତ ୪ ଉପମୁଖ୍ୟମନ୍ତ୍ରୀ ପଦ ଭିତରୁ ମଧ୍ୟ ଯଥୀନ୍ଦ୍ରଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। କୁହାଯାଉଛି ଯେ, ସିଦ୍ଧରମୈୟା ନିଜ ପୁଅ ପାଇଁ ଉପମୁଖ୍ୟମନ୍ତ୍ରୀ ପଦ ଦାବି କରିଛନ୍ତି।

କଂଗ୍ରେସର ସଂଗଠନ ମହାସଚିବ କେ.ସି. ବେଣୁଗୋପାଳ ଏବଂ କର୍ଣ୍ଣାଟକ ପ୍ରଭାରୀ ରଣଦୀପ ସୁରଜେୱାଲାଙ୍କ ଉପସ୍ଥିତିରେ ଆଜିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂଆ କ୍ୟାବିନେଟ୍‌ରେ କେଉଁମାନଙ୍କୁ ସାମିଲ କରାଯିବ ସେମାନଙ୍କ ନାମ ସମ୍ବଳିତ ଏକ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରାଯାଇଛି। ସୂତ୍ର ଅନୁସାରେ ସିଦ୍ଧରମୈୟାଙ୍କ ସରକାରରେ ମନ୍ତ୍ରୀ ପଦ ସମ୍ଭାଳିଆସୁଥିବା ମନ୍ତ୍ରୀମାନଙ୍କ ମଧ୍ୟରୁ ପ୍ରାୟ ୧୦ଜଣଙ୍କୁ ବାଦ୍ ଦିଆଯାଇପାରେ ଏବଂ ଏମାନଙ୍କ ସ୍ଥାନରେ ନୂଆ ତଥା ଯୁବନେତାଙ୍କୁ ସାମିଲ କରାଯାଇପାରେ।

# ୨ ଟଙ୍କା ବଢ଼ିଲା ସିଏନ୍‌ଜି



ନୂଆଦିଲ୍ଲୀ,(ଏଜେନ୍ସି): ପେଟ୍ରୋଲ୍ ଓ ଡିଜେଲ ଦର ବୃଦ୍ଧି ପରେ ମଙ୍ଗଳବାର ଦେଶରେ ମହଙ୍ଗା ହୋଇଛି ସିଏନ୍‌ଜି। କେଜି ପିଛା ସିଏନଜିର ମୂଲ୍ୟ ୨ ଟଙ୍କା ବୃଦ୍ଧି ପାଇଛି। ଗତ ୧୨ ଦିନ ମଧ୍ୟରେ ୪ର୍ଥ ଥର ପାଇଁ ସିଏନଜି ଦାମ ବଢ଼ିଛି। ବିଶ୍ୱ ବଜାରରେ ଶକ୍ତିର ଦାମ ବୃଦ୍ଧି ପାଉଥିବାରୁ ବିଭିନ୍ନ କମ୍ପାନୀଗୁଡ଼ିକ ସିଏନ୍‌ଜି ଦାମ ବଢ଼ାଇଛନ୍ତି। ବର୍ଦ୍ଧିତ ଦର ମଙ୍ଗଳବାର ସକାଳ ୬ଟାରୁ ହିଁ ଲାଗୁ ହୋଇ ଯାଇଛି। ଏବେ ଦିଲ୍ଲୀରେ ସିଏନ୍‌ଜିର କେଜି ପିଛା ଦାମ ୮୩.୦୯ ଟଙ୍କାରେ ପହଞ୍ଚି ଯାଇଛି। ଏହାପୂର୍ବରୁ ରବିବାର ସିଏନ୍‌ଜିର କେଜି ପିଛା ଦାମ ୧ ଟଙ୍କା ବୃଦ୍ଧି ପାଇଥିଲା। ସେହିପରି ଶୁକ୍ରବାର ଦିଲ୍ଲୀ-ଏନ୍‌ସିଆରରେ ୧ ଟଙ୍କା ମହଙ୍ଗା ହୋଇଥିଲା ସିଏନ୍‌ଜି। ମେ' ୧୫ରେ ମଧ୍ୟ ସରକାର ସିଏନ୍‌ଜିର ଦାମ କେଜି ପିଛା ଦୁଇ ଟଙ୍କା ବଢ଼ାଇଥିଲେ। ଅର୍ଥାତ ୧୨ ଦିନରେ ସିଏନ୍‌ଜିର କେଜି ପିଛା ଦାମ ୭ ଟଙ୍କା ବୃଦ୍ଧି ପାଇ ସାରିଲାଣି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ପେଟ୍ରୋଲ, ଡିଜେଲ ଓ ସିଏନ୍‌ଜି ଦାମ ବୃଦ୍ଧି ପାଉଥିଲେ ହେଁ ପିଏନଜି ବା ପାଇପ ଯୋଗେ ପ୍ରାକୃତିକ ଗ୍ୟାସର ଦାମ ଅପରବର୍ତ୍ତିତ ରହିଛି। ସିଏନଜି ଭଳି ସରକାର ମେ' ୧୫ରୁ ଇତି ମଧ୍ୟ ପେଟ୍ରୋଲ ଓ ଡିଜେଲ ଦାମ ମଧ୍ୟ ୪ଥର ବୃଦ୍ଧି କରି ସାରିଲେଣି।

# ଏନ୍‌ଟିଏ ପିଛା ଛାଡୁନି ବିବାଦ: ସିୟୁଇଟି-ୟୁଜି ପରୀକ୍ଷାରେ ପୁଣି ବିଭ୍ରାଟ

## ପୁନଃ ପରୀକ୍ଷା କରାଇବାକୁ ପ୍ରତିଶ୍ରୁତି ଦେଲା ଏଜେନ୍ସି

ନୂଆଦିଲ୍ଲୀ,(ଏଜେନ୍ସି): ବିବାଦ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପିଛା ଛାଡିବାର ନାମ ଧରୁନି। ନିଟ୍-ୟୁଜି ପରୀକ୍ଷାରେ ବାରମ୍ବାର ବଡ଼ ଧରଣର ଅନିୟମିତତା ହେଉଥିବା ଅଭିଯୋଗରେ ନିନ୍ଦିତ ତଥା ସମାଲୋଚିତ ହୋଇଆସୁଥିବା ଏନ୍‌ଟିଏ ଏବେ ଆଉ ଏକ ପରୀକ୍ଷା ପରିଚାଳନା କରିବାରେ ମଧ୍ୟ ବିଫଳ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଏନ୍‌ଟିଏ ପରିଚାଳିତ ସିୟୁଇଟି-ୟୁଜି (କମନ୍ ୟୁନିଭରସିଟି ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡର ଗ୍ରାଜୁଏଟ୍)-୨୦୨୬ ପରୀକ୍ଷା ଆଜି ଦିନରେ ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିବା ବେଳେ ପରୀକ୍ଷା ସମୟରେ ଟେକ୍ନିକାଲ୍ ସମସ୍ୟା ଦେଖିବାକୁ ମିଳିଥିଲା, ଯାହାଦ୍ୱାରା ହଜାର ହଜାର ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

୩୦ ମେ, ୨୦୨୬ ପ୍ରଥମ ସିଫ୍ଟ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଠିକ୍ ସମୟରେ ଟେକ୍ନିକାଲ ତ୍ରୁଟି ଦେଖାଦେଇଥିଲା, ଯାହାଫଳରେ ପରୀକ୍ଷା ଆରମ୍ଭ କରିବା ମାତ୍ରାଧିକ ବିଳମ୍ବ ହୋଇଥିଲା। ଏପ୍ରକାର ସମସ୍ୟା ଦେଖି ଅନେକ ଆଶାୟୀ/ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ର ଛାଡ଼ି ପଳାଇଯାଇଥିଲେ। ପରବର୍ତ୍ତୀ ସମୟରେ ବାୟୋମେଟ୍ରିକ ପଞ୍ଜୀକରଣରୁ ସ୍ପଷ୍ଟ ହୋଇଥିଲା ଯେ, ଦେଶବ୍ୟାପୀ ପ୍ରାୟ ୩୭୬୫ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସିଥିଲେ ମଧ୍ୟ ପରୀକ୍ଷା ନଦେଇ ଚାଲିଯାଇଥିଲେ। ଗୋଟିଏ ପଟେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିବା ବେଳେ ଏନ୍‌ଟିଏ ତରବରିଆ ଭାବେ ଏହି ୩୭୬୫ ପରୀକ୍ଷାର୍ଥୀଙ୍କୁ ପୁଣି ଥରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦେବ ବୋଲି ଘୋଷଣା କରିଛି। ପରୀକ୍ଷା ପାଇଁ ନୂଆ ତାରିଖ ଏବଂ ଅନ୍ୟାନ୍ୟ ବିବରଣୀ ପରବର୍ତ୍ତୀ ସମୟରେ ପୃଥକ ଭାବେ ଘୋଷଣା କରାଯିବ ବୋଲି ଏନ୍‌ଟିଏ ସ୍ପଷ୍ଟ କରିଛି। ତେବେ ଆଜି ପରୀକ୍ଷା ବିଳମ୍ବ ହେବା ପରେ ପ୍ରଭାବିତ କେନ୍ଦ୍ରଗୁଡ଼ିକରେ ସମୟ ସଂଶୋଧନ କରାଯାଇଥିଲା। ପ୍ରଥମ ସେସନ୍ ଭଳି ଦ୍ୱିତୀୟ ସେସନ୍ ପରୀକ୍ଷା ସମୟରେ ମଧ୍ୟ ସଂଶୋଧନ କରାଯାଇଥିଲା ଏବଂ ଅପରାହ୍ନ ୩:୦୦ ବଦଳରେ ୪:୦୦ଟାରେ ଆରମ୍ଭ କରାଯାଇଥିଲା। ଏବଂ ସେଠାରେ ଉପସ୍ଥିତ ଥିବା ପ୍ରାୟ ୯୫% ପରୀକ୍ଷାର୍ଥୀ ପରୀକ୍ଷା ସମ୍ପୂର୍ଣ୍ଣ କରିଛନ୍ତି। ପରୀକ୍ଷାର୍ଥୀମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ସମୟ ଦିଆଯାଇଥିଲା ବୋଲି ଏନ୍‌ଟିଏ ଉଲ୍ଲେଖ କରିଛି। ଅନ୍ୟପକ୍ଷେ ପରୀକ୍ଷା ପାଇଁ ଟେକ୍ନିକାଲ୍ ସେବା ପ୍ରଦାନକାରୀ ସଂସ୍ଥା ଟିସିଏସ-ଆଇଓଏନ୍‌କୁ ଆଜିର ଏପ୍ରକାର ବିଭ୍ରାଟର ମୂଳ କାରଣ ଖୋଜିବା ଏବଂ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ଏନ୍‌ଟିଏ ନିର୍ଦ୍ଦେଶ ଦେଇଛି। ଟିସିଏସ୍‌ର ସିଇଓ ଏବଂ ମ୍ୟାନେଜିଂ ଡିରେକ୍ଟର କେ. କ୍ରିତିଭାସନ କହିଛନ୍ତି ଯେ ସକାଳ ସିଫ୍ଟରେ ପ୍ରାୟ ୨ ଘଣ୍ଟା ବିଳମ୍ବ ହୋଇଥିଲା, ଯାହାକୁ ପରେ ବୈଷୟିକ ଦଳ ଦ୍ୱାରା ସୁଧାରି ଦିଆଯାଇଥିଲା। ତେବେ ଏନ୍‌ଟିଏ ଆଜିର ଏପ୍ରକାର ସମସ୍ୟା ତଥା ଅସୁବିଧା ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ଠାରେ ଦୁଃଖ ପ୍ରକାଶ କରିଛି। ଯଦି କୌଣସି ପରୀକ୍ଷାର୍ଥୀ ସହାୟତା ଚାହାଁନ୍ତି, ତେବେ ସେମାନଙ୍କ ପାଇଁ ଏକ ହେଲ୍ପଲାଇନ୍ ନଂ ତଥା ଇମେଲ୍ ଆଡି ମଧ୍ୟ ଜାରି କରିଛି ଏନ୍‌ଟିଏ। ପ୍ରକାଶ, କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି-ୟୁଜି) ହେଉଛି ଦେଶର ଦ୍ୱିତୀୟ ବୃହତ୍ତମ ପ୍ରବେଶିକା ପରୀକ୍ଷା, ଯାହା ମାଧ୍ୟମରେ କେନ୍ଦ୍ରୀୟ, ରାଜ୍ୟ ଏବଂ କେତେକ ବେସରକାରୀ ବିଶ୍ୱବିଦ୍ୟାଳୟରେ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ହୋଇଥାଏ। ୨୦୨୫ ଠାରୁ ଏହି ପରୀକ୍ଷା ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର ଆଧାରିତ କରାଯାଉଛି।

ଜାତୀୟ ଚେତନା
JATIYA CHETANA



# ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ 'ପରିବେଶ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟା' ଉପରେ ଆଲୋଚନା



ଢେଙ୍କାନାଳ,(ଜା.ପ୍ର): ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ପ୍ରତ୍ୟେକ ଶୁକ୍ରବାର ସ୍ଥାନୀୟ ଗାନ୍ଧୀ ପାର୍କରେ କରାଯାଉଥିବା ସତ୍ୟାଗ୍ରହ ସଫେଇ କାର୍ଯ୍ୟକ୍ରମ ଅବସରରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଭାରେ ବର୍ତ୍ତମାନ ରାଜ୍ୟ, ଦେଶ ଏବଂ ବିଶ୍ୱରେ ସାମାଜିକ, ରାଜନୈତିକ ପରିସ୍ଥିତି ଏବଂ ଅର୍ଥନୈତିକ ବୈଷମ୍ୟତା ଯୋଗୁଁ ସମାଜର ଅନେକ ବ୍ୟକ୍ତି ବିଶେଷ ଦାରିଦ୍ର୍ୟ ଅନାଟନ ଦେଇ ଗତି କରୁଥିବା ନେଇ ସଦସ୍ୟଗଣ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ମାତ୍ରାଧିକ ପରିବେଶ ପ୍ରଦୂଷଣ ଯୋଗୁଁ ଜଳ, ବାୟୁ ଏବଂ ମୃତ୍ତିକା ଦିନକୁ ଦିନ ବିଷାକ୍ତ ହେବାରେ ଲାଗିଛି, ଯାହା ଫଳରେ ଢେଙ୍କାନାଳ ଜିଲ୍ଲାରେ କିଡନୀ ରୋଗ ଏବଂ କ୍ୟାନ୍ସର ଅହେତୁକ ଭାବରେ ବଢ଼ିଚାଲିଛି। ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଶିଳ୍ପାୟନ ଏବଂ ଖଣି ଖନନ ବୃଦ୍ଧି ପାଇବା ଯୋଗୁଁ ନଦୀ ଜଳ ଓ ଭୂତଳ ଜଳ ପ୍ରଦୂଷିତ ହୋଇ ପିଇବା ଉପଯୋଗୀ ହୋଇ ରହି ନାହିଁ ଏବଂ ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି, ଯାହା ବର୍ତ୍ତମାନ ଏବଂ ଭବିଷ୍ୟତ ପିଢି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଜିଲ୍ଲାର ଶହ ଶହ କିଡନୀ ରୋଗୀ ମାନଙ୍କୁ ସପ୍ତାହରେ ୨ ଥର ଡାଏଲିସିସ୍ ଦେବା ନିମନ୍ତେ ପର୍ଯ୍ୟାପ୍ତ ସରକାରୀ ସୁବିଧା ଉପଲବ୍ଧ ନଥିବାରୁ ଗରିବ ରୋଗୀମାନେ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଛନ୍ତି। ଏଭଳି ଭୟଙ୍କର ରୋଗର ତୁରନ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ ବୋଲି ସଦସ୍ୟମାନେ ମତପ୍ରକାଶ କରିଛନ୍ତି। ବିଶୁଦ୍ଧ ପାନୀୟ ଜଳ କିପରି ଯୋଗାଇଦିଆଯିବ ସେ ବିଷୟରେ ପ୍ରଶାସନ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ପରିବେଶ ପ୍ରଦୂଷଣର ନିରାକରଣ ନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସଂଗଠନ ତରଫରୁ ବିଶେଷ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ସାଧାରଣ ଲୋକ ସରକାରୀ କାର୍ଯ୍ୟାଳୟରେ କିପରି ନିର୍ଭୟରେ ନିଜର ସମସ୍ୟା ଉପସ୍ଥାପନ କରିପାରିବେ ଏବଂ ସରକାରୀ ପଦାଧିକାରୀମାନେ ସାଧାରଣ ଲୋକଙ୍କୁ ସମ୍ମାନର ସହିତ ସମସ୍ୟା ସମାଧାନରେ ସହାୟତା କରିବେ, ସେଥିନିମନ୍ତେ ସଂଗଠନ ସରକାରଙ୍କ ନିକଟରେ ଜୋରଦାର ଦାବି କରିଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଫେସର ଡାକ୍ତର ତୁଷାର କାନ୍ତି ନାୟକ, ଉପସଭାପତି ରୁଦ୍ର ପ୍ରକାଶ ଶରଣ, ସରୋଜ କୁମାର ଶତପଥୀ, ସଦସ୍ୟ ଅଜେନ୍ଦ୍ର ସାମଲ, ସ୍ମିତାରାଣୀ ସାମଲ, ବିନୟ କୁମାର ସାହୁ ଏବଂ ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ।

# ଅନନ୍ୟା ଅଓ୍ୱସ୍ତି ରାଜ୍ୟପାଳଙ୍କ ପ୍ରଥମ ମହିଳା ଏଡିସି



ଭୁବନେଶ୍ୱର,(ଜା.ପ୍ର): ଓଡିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି (ପୁଲିସ) ଭାବେ ନିଯୁକ୍ତି ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଅନନ୍ୟା ଅଓ୍ୱସ୍ତି ଓଡିଶା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତ ହେବାରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ। ରବିବାର ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅନନ୍ୟା ଅଓ୍ୱସ୍ତିଙ୍କୁ ନୂତନ ପୁଲିସ ଏଡିସି ଭାବରେ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଯୁକ୍ତି ପୂର୍ବରୁ, ଅନନ୍ୟା ଅଓ୍ୱସ୍ତି କଟକର ୟୁପିଡିର ଆସିଷ୍ଟାଣ୍ଟ ପୋଲିସ କମିଶନର (ଏସିପି) ଭାବରେ କାର୍ଯ୍ୟରତ ଥିଲେ। ଓଡ଼ିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଅନନ୍ୟା ଅଓ୍ୱସ୍ତି ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି। ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଦୁଇଜଣ ଏଡ଼ିସିଙ୍କ ମଧ୍ୟରେ ଜଣେ ଭାରତୀୟ ନୌସେନାର ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀ ଅଟନ୍ତି। ଅନନ୍ୟା ଅଓ୍ୱସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ଭାରତୀୟ ନୌସେନାର ଲେଫ୍ଟନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି।

# ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର,(ଜା.ପ୍ର): ଭାରତୀୟ ମୂଲ୍ୟବୋଧକୁ ଭିତ୍ତିକରି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ରବିବାର ଲୋକଭବନଠାରେ ଆୟୋଜିତ ଦୁଇ ଦିନିଆ କୁଳପତି ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇବା ସହିତ ବିଶ୍ୱବିଦ୍ୟାଳୟଗୁଡିକୁ ସାମାଜିକ ଦାୟିତ୍ୱବାନ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପ୍ରତିଷ୍ଠାନରେ ପରିଣତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଏକ ଆତ୍ମନିର୍ଭର ଭାରତ ଗଠନ ଏବଂ ଭବିଷ୍ୟତର ଆହ୍ୱାନ ପାଇଁ ରାଜ୍ୟକୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ ବୋଲି ମଧ୍ୟ ରାଜ୍ୟପାଳ କହିଛନ୍ତି। ଆୟୋଜିତ ଏହି ଦୁଇଦିନିଆ କୁଳପତି ସମ୍ମିଳନୀରେ ରାଜ୍ୟର ସରକାରୀ ଏବଂ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗରମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଯୋଗ ଦେଇଛନ୍ତି। ଏହି ଅବସରରେ କୁଳପତିମାନଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ କହିଥିଲେ ଯେ ବିଶ୍ୱବିଦ୍ୟାଳୟଗୁଡ଼ିକ ଜ୍ଞାନ, ନବସୃଜନ ଏବଂ ନେତୃତ୍ୱର କେନ୍ଦ୍ର ଏବଂ ରାଷ୍ଟ୍ର ନିର୍ମାଣରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଦ୍ରୁତ ବୈଷୟିକ ପ୍ରଗତି ଏବଂ ବିଭିନ୍ନ ଆହ୍ୱାନ ମଧ୍ୟରେ ବିଶ୍ୱ ଅଭୂତପୂର୍ବ ପରିବର୍ତ୍ତନ ଦେଇ ଗତି କରୁଥିବା ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକୀୟ ଜ୍ଞାନ, ଦକ୍ଷତା ଏବଂ ମୂଲ୍ୟବୋଧ ସହିତ ଏକ ଜଟିଳ ଭବିଷ୍ୟତକୁ ସମ୍ମୁଖୀନ କରିବା ପାଇଁ ଗଢ଼ି ତୋଳିବା ଉଚିତ। ଏତଦବ୍ୟତୀତ ରାଜ୍ୟପାଳ କହିଥିଲେ ଯେ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଅର୍ଥନୈତିକ ସ୍ୱାବଲମ୍ବନଠାରୁ ଅଧିକ ଏବଂ ନବସୃଜନ, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସ୍ୱାସ୍ଥ୍ୟସେବା, ଶକ୍ତି ଏବଂ ଶିକ୍ଷା ସହିତ ଅନ୍ତର୍ଭୁକ୍ତ। ଏ ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଦ୍ୟମିତା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା, ସମାଜରେ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଏହି ସମ୍ମିଳନୀରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଡିଗ୍ରୀ ପ୍ରଦାନକାରୀ ପ୍ରତିଷ୍ଠାନ ନୁହେଁ ବରଂ ଜ୍ଞାନ ସୃଷ୍ଟି, ନବସୃଜନ ଏବଂ ଗବେଷଣାର କେନ୍ଦ୍ର। ଶିକ୍ଷା କ୍ଷେତ୍ର ପାଇଁ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ବଜେଟ୍ ଆବଣ୍ଟନ ଉପରେ ଆଲୋକପାତ କରିବା ସହିତ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ରୂପରେଖ ବିଷୟରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା ଏକ ପ୍ରଗତିଶୀଳ ଏବଂ ସମୃଦ୍ଧ ସମାଜର ମୂଳଦୁଆ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଓଡ଼ିଶା ୨୦୩୬ ସୁଦ୍ଧା ବିକଶିତ ରାଜ୍ୟ ହୋଇ ବିକଶିତ ଭାରତର ଜାତୀୟ ଦୃଷ୍ଟିକୋଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାର ମହତ ଆକାଂକ୍ଷା ରଖିଛି। ଏ ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ଏବଂ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନରେ ପରିଣତ କରିବାରେ ସାହାଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ। ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ, ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ୨୦୪୭ର ଦୃଷ୍ଟିକୋଣ ଅଧୀନରେ ଉଚ୍ଚଶିକ୍ଷା ବିଭାଗର ସଫଳତା ଏବଂ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ପ୍ରେଜେଣ୍ଟେସନ ମାଧ୍ୟମରେ ଉପସ୍ଥାପନ କରିଥିଲେ। ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଦକ୍ଷତା ବିକାଶ, ଇଣ୍ଟର୍ନସିପ୍ ଏବଂ ଏଡିଇପି ପଦକ୍ଷେପ ଉପରେ ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ସଚିବ ଭୂପେନ୍ଦ୍ର ସିଂହ ପୁନିଆ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ସଚିବ ଡ଼ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଶାସନ ସଚିବ ପ୍ରଶାନ୍ତ କିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନୂଆ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ମିଳିତ ଓଡ଼ିଶା ନିଶା ନିବାରଣ ସଂଘର ବିରୋଧ



ଢେଙ୍କାନାଳ,(ଜା.ପ୍ର): ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ ତରଫରୁ ରାଜ୍ୟରେ ଶହଶହ ସଂଖ୍ୟାରେ ନୂଆ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ମିଳିତ ଓଡ଼ିଶା ନିଶା ନିବାରଣ ସଂଘ ତରଫରୁ ସମଗ୍ର ଓଡ଼ିଶାରେ ତୀବ୍ର ବିରୋଧ କରାଯାଇଛି। ଏହି କ୍ରମରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ନେତ୍ରୀ ଉର୍ବଶୀ ନାୟକଙ୍କ ନେତୃତ୍ୱରେ ସଂଘର ଅନେକ ମହିଳା ଓ ପୁରୁଷ ସଦସ୍ୟଙ୍କ ସମେତ ଅନ୍ୟାନ୍ୟ ସାମାଜିକ ଏବଂ ରାଜନୈତିକ ସଂଗଠନର ସଦସ୍ୟମାନେ ଏକାଠି ହୋଇ ବିଭିନ୍ନ ପ୍ଲାକାର୍ଡ ଧରି ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲ୍ଲା ବୁଦ୍ଧିଜୀବୀ ସଂଗଠନର ସଦସ୍ୟ ରୁଦ୍ର ପ୍ରକାଶ ଶରଣଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ସମ୍ପାଦକ ସରୋଜ ସତପଥୀ, ସମାଜସେବୀ ବିନୟ କୁମାର ସାହୁ ଏବଂ ପ୍ରଫେସର ଡାକ୍ତର ତୁଷାର କାନ୍ତ ନାୟକ ପ୍ରମୁଖ ଯୋଗଦେଇ ମୋହନ ମାଝି ସରକାରଙ୍କ ଅବକାରୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ବକ୍ତାମାନେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ ବିଜେପି ଦଳ ସରକାର ଗଠନ କଲେ ମଦ ଉପରେ ଅଙ୍କୁଶ ଲଗାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ଏବେ ତାର ସମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟ କରି ଲୋକଙ୍କୁ ପ୍ରତାରଣା କରୁଛନ୍ତି। ଯୁବପିଢ଼ି ବେକାରୀ ସମସ୍ୟାର ତାଡ଼ନା ସହି ନପାରି ମଦର ସାହାରା ନେଉଛନ୍ତି ଏବଂ ଏହାଦ୍ୱାରା ଅନେକ ବାଇକ୍ ଦୁର୍ଘଟଣା ଘଟି ନିଜର ଓ ଅନ୍ୟର ଜୀବନ ନଷ୍ଟ ହେଉଛି। ଏପରିକି ଅନେକ ଶ୍ରମଜୀବୀ ଓ ଡ୍ରାଇଭର ନିୟମିତ ମଦ୍ୟପାନ କରି ଯକୃତ, କିଡନୀ ଏବଂ ସ୍ନାୟୁ ରୋଗର ଶିକାର ହେଉଥିବା ନେଇ ଡ. ନାୟକ ଚିନ୍ତା ପ୍ରକଟ କରିଛନ୍ତି। ସଭାରେ ସରକାରଙ୍କ ଅର୍ଥନୀତି ଉପରେ ପ୍ରଶ୍ନ ଉଠାଇ କୁହାଯାଇଛି ଯେ, ରାଜକୋଷକୁ ଅବକାରୀ ଶୁଳ୍କ ବାବଦରେ ଯେତିକି ଅର୍ଥ ଆସୁଛି, ତାହା ତୁଳନାରେ ଦୁର୍ଘଟଣା ପୀଡ଼ିତ, ମଦ୍ୟପାନ ଜନିତ ରୋଗୀଙ୍କ ଚିକିତ୍ସା ଏବଂ ମୃତକଙ୍କ ପରିବାରର ସାମାଜିକ ସୁରକ୍ଷା ବାବଦରେ ସରକାରଙ୍କୁ ଅନେକ ଗୁଣ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଖଣି ଓ ଖଦାନକୁ ମାଫିଆମାନଙ୍କ କବଳରୁ ମୁକ୍ତ କରାଗଲେ ରାଜକୋଷକୁ ପ୍ରଚୁର ଅର୍ଥ ଆସିପାରନ୍ତା, ମାତ୍ର ସରକାର ତାହା ନକରି ମଦ ବିକ୍ରି ବୃଦ୍ଧି କରିବା ସହ ଲୋକଙ୍କୁ ଅଳସୁଆ ଓ ରୋଗାକ୍ରାନ୍ତ କରୁଛନ୍ତି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟରେ ଆଉ କୌଣସି ନୂଆ ମଦ ଦୋକାନ ନଖୋଲିବା ଏବଂ ବର୍ତ୍ତମାନ ଥିବା ଦୋକାନ ସଂଖ୍ୟାକୁ ଧୀରେ ଧୀରେ କମାଇବା ପାଇଁ ସଂଗଠନ ତରଫରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ବାମପନ୍ଥୀ ନେତା ସର୍ବଜ୍ଞ ସାହୁ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସଭାପତି ଅନ୍ତର୍ଯ୍ୟାମୀ ରଥ, ମିଳିତ ଓଡ଼ିଶା ନିଶା ନିବାରଣ ଜିଲ୍ଲା ମହିଳା ସଦସ୍ୟ ସ୍ମିତାରାଣୀ ସାମଲ, ଶ୍ରୀମତୀ ବାସନ୍ତୀ, ନବନିର୍ମାଣ କୃଷକ ସଂଗଠନର ପ୍ରଫୁଲ୍ଲ ପରିଡା, ମୋନାର ଜିଲ୍ଲା ମହିଳା ସଂଯୋଜକ ଉର୍ବଶୀ ନାୟକ, ଶାନ୍ତିଲତା ବେହେରା, ସୁଷମା ସାମଲ ଓ ଦେବରାଜ ସାମଲ ପ୍ରମୁଖ ସକ୍ରିୟ ଯୋଗଦାନ କରି ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ।

ଜାତୀୟ ଚେତନା
JATIYA CHETANA

# ଶ୍ରେଣୀଗୃହର ବାସ୍ତବତା

ଯେତେବେଳେ କୌଣସି ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନରେ ଆସନ୍ତି ଏବଂ ଶିକ୍ଷକଙ୍କୁ ତାଙ୍କର 'ଲେସନ ପ୍ଲାନ୍' (ପାଠ୍ୟ ଯୋଜନା) ମାଗନ୍ତି, ସେତେବେଳେ ସଂପୃକ୍ତ ଶିକ୍ଷକଙ୍କ ମନରେ ଏକ ଅଜ୍ଞାତ ଛନକା ପଶିଯାଏ। ଏହି ଭୟ କେବଳ ଦାୟିତ୍ୱହୀନତାରୁ ସୃଷ୍ଟି ହୁଏନାହିଁ, ବରଂ ଏହା ପଛରେ ରହିଛି ବ୍ୟବସ୍ଥାର ଏକ ବଡ଼ ଗୁମ୍ଫତା ଏବଂ ପ୍ରଶାସନିକ ଚାପ। ଲେସନ ପ୍ଲାନ୍‌କୁ କିପରି ଶ୍ରେଣୀଗୃହରେ ପ୍ରୟୋଗ କରାଯାଇଛି, ତାହାକୁ ଆଧାର କରି କେଉଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହୋଇଛି, ଶିକ୍ଷକ କେଉଁ ପ୍ରକାର ପ୍ରଶ୍ନ ପଚାରିବେ ଏବଂ ଛାତ୍ରଛାତ୍ରୀଙ୍କଠାରୁ କି ସମ୍ଭାବ୍ୟ ଉତ୍ତର ଆସିବ- ଏସବୁର ଏକ ପୂର୍ବନିର୍ଦ୍ଧାରିତ ନକ୍ସା ଅଧିକାରୀମାନେ ଖୋଜିଥାନ୍ତି। ଏହି ପୂର୍ବନିର୍ଦ୍ଧାରିତ ଆଶା ଏବଂ ଶ୍ରେଣୀଗୃହର ପ୍ରକୃତ ସ୍ଥିତି ମଧ୍ୟରେ ଥିବା ଆକାଶପାତାଳ ତଫାତ୍ ହିଁ ଶିକ୍ଷକଙ୍କୁ ସବୁଠାରୁ ଅଧିକ ଚିନ୍ତିତ ଓ ଅସନ୍ତୁଷ୍ଟ କରିଥାଏ।

ଆଜି ସମଗ୍ର ଶିକ୍ଷକ ଗୋଷ୍ଠୀ ମଧ୍ୟରେ ଲେସନ ପ୍ଲାନ୍‌କୁ ନେଇ ଏକ ପ୍ରକାର ଅସନ୍ତୋଷ ଦେଖାଦେଇଛି। ଏହାର ମୂଳ କାରଣ ହେଉଛି ଉପରୁ ଥୋପାଯାଉଥିବା ପ୍ରଶାସନିକ ନିୟମ। ଶିକ୍ଷକମାନଙ୍କୁ ଭିନ୍ନ ଭିନ୍ନ ରଙ୍ଗର କଲମରେ ସବୁ ଆଶା-ଆଶଙ୍କା ଓ କାଳ୍ପନିକ କଥୋପକଥନ ଲେଖିବାକୁ ବାଧ୍ୟ କରାଯାଏ, ଯଦିଓ ସେମାନେ ଭଲଭାବେ ଜାଣିଥାଆନ୍ତି ଯେ ସେଥିରୁ ଅଧିକାଂଶ କଥା ବାସ୍ତବରେ ଶ୍ରେଣୀଗୃହର ୪୫ ମିନିଟ୍‌ର ଅବଧି ମଧ୍ୟରେ ପ୍ରୟୋଗ କରିବା ସମ୍ଭବ ନୁହେଁ। ଏହା ଏକ ବିଡ଼ମ୍ବନା ଯେ, ଶିକ୍ଷକ ପ୍ରଶିକ୍ଷଣ ସମୟରେ ତାଲିମଦାତାମାନେ ଯେଉଁ ଲେସନ ପ୍ଲାନ୍ ଶିଖାନ୍ତି, ତାହା ଚାକିରି ଜୀବନର ପ୍ରକୃତ କ୍ଷେତ୍ରରେ କ୍ୱଚିତ କାର୍ଯ୍ୟକାରୀ ହୋଇଥାଏ। ଫଳରେ ଜଣେ ପ୍ରାଥମିକ ଶିକ୍ଷକଙ୍କର ଅଧିକାଂଶ ମୂଲ୍ୟବାନ ସମୟ କେବଳ ଲେସନ ଡାଏରି ପ୍ରସ୍ତୁତ କରିବାରେ ଏବଂ କାଗଜପତ୍ର ଠିକ୍ ରଖିବାରେ ହିଁ ଚାଲିଯାଏ, ଯାହା ଶିକ୍ଷାର ଗୁଣବତ୍ତାକୁ ବଢ଼ାଇବା ପରିବର୍ତ୍ତେ ଶିକ୍ଷକଙ୍କୁ କ୍ଳାନ୍ତ କରିଦିଏ।

ଗ୍ରାମାଞ୍ଚଳର କିଛି ପ୍ରାଥମିକ ବିଦ୍ୟାଳୟର ତୃତୀୟରୁ ପଞ୍ଚମ ଶ୍ରେଣୀର ଶିଶୁଙ୍କ ଭାଷା ସମ୍ବନ୍ଧୀୟ ଉତ୍ତରଖାତା ଅନୁଧ୍ୟାନ କଲେ ଏକ ଆଖିଦୃଶିଆ ବାସ୍ତବତା ସାମ୍ନାକୁ ଆସେ। ବିଶେଷ କରି ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଯେତେବେଳେ 'ଚିତ୍ରକୁ ଆଧାର କରି ୧୦ ଧାଡ଼ିର ଏକ ସୁନ୍ଦର କାହାଣୀ ଲେଖି ଶେଷ କରିବାକୁ' କୁହାଯାଇଥିଲା, ସେଠାରେ ସଫଳତାର ସ୍ତର ଅତି ବିଚିତ୍ର ଥିଲା। ପ୍ରାୟ ୫୦ଟି ଖାତା ମଧ୍ୟରୁ ମାତ୍ର ୨ରୁ ୩ ଜଣ ଶିଶୁ ସୃଜନାତ୍ମକ ଭାବେ କାହାଣୀଟିକୁ ସୁନ୍ଦର ଭାବେ ଲେଖି ଶେଷ କରିଥିଲେ। ଅନ୍ୟ ୧୦ ଜଣ ଶିଶୁ ଚିତ୍ରକୁ ଦେଖି ନିଜର ଆଖପାଖ ପରିବେଶ ସହିତ ଯୋଡ଼ି ସୁନ୍ଦର ଅକ୍ଷରରେ ଉପସ୍ଥାପନ କରିଥିଲେ। ଆଉ ୧୦ ଜଣ ଲେଖିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ଅସଂଖ୍ୟ ବନାନ ଭୁଲ୍ ଥିଲା। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ପ୍ରାୟ ୧୦ରୁ ୧୫ ଜଣ ଶିଶୁ କିଛି ନଲେଖି ଖାତା ସମ୍ପୂର୍ଣ୍ଣ ଖାଲି ଛାଡ଼ିଦେଇଥିଲେ ଏବଂ କେହି କେହି କେବଳ କାଁ ଭାଁ ନିଜ ଆଞ୍ଚଳିକ ଭାଷାର କିଛି ଶବ୍ଦ ଲେଖିଥିଲେ।

ଏହି ସମୀକ୍ଷା ପ୍ରମାଣ କରେ ଯେ ଗୋଟିଏ ଶ୍ରେଣୀଗୃହରେ କେତେ ସ୍ତରର ଏବଂ କେତେ ଭିନ୍ନ ଧରଣର ଶିଶୁ ଥାଆନ୍ତି। ଯଦି ଗୋଟିଏ ଶ୍ରେଣୀରେ ୨୫ ଜଣ ଶିଶୁ ଅଛନ୍ତି, ତେବେ ସେମାନେ ପ୍ରକୃତରେ ୨୫ଟି ଭିନ୍ନ ମାନସିକତା ଓ ଶିଖିବାର କ୍ଷମତା ସମ୍ପନ୍ନ ଶିଶୁ। ଏଭଳି ସ୍ଥିତିରେ କଣ ଗୋଟିଏ ମାତ୍ର ପୂର୍ବନିର୍ଦ୍ଧାରିତ କାଗଜୀ ଲେସନ ପ୍ଲାନ୍ ସମସ୍ତଙ୍କ ପାଇଁ କାର୍ଯ୍ୟକାରୀ ହୋଇପାରିବ? କ'ଣ ସବୁ ଶିଶୁ ଏକାପ୍ରକାର ଶିକ୍ଷାଦାନକୁ ସମାନ ଭାବେ ଗ୍ରହଣ କରିପାରିବେ? ନିଶ୍ଚିତ ଭାବେ ନାହିଁ। ଜଣେ ଶିଶୁ କେଉଁ ପରିବେଶରୁ ଆସୁଛି, ତା'ର ପାରିବାରିକ ପୃଷ୍ଠଭୂମି କ'ଣ, କେଉଁ ଶୈଳୀରେ ବୁଝାଇଲେ ସେ ତାହାକୁ ଗ୍ରହଣ କରିପାରିବ, ଏସବୁ ନିରୂପଣ କରିବା ହିଁ ବାସ୍ତବ ଯୋଜନା। ଏସବୁକୁ ଦୃଷ୍ଟି ନଦେଇ ଯଦି କେବଳ ପ୍ରଶାସନକୁ ଦେଖାଇବା ପାଇଁ ନାମକୁ ମାତ୍ର ଲେସନ ପ୍ଲାନ୍ କରାଯାଏ, ତେବେ ଶିକ୍ଷକ କେବଳ ନିଜ ଦାୟିତ୍ୱ ସାରିଦେବେ; ହେଲେ ପିଲାମାନେ କିଛି ବୁଝିବେ ନାହିଁ, ଅନ୍ୟମନସ୍କ ହେବେ, ଏବଂ ଶେଷରେ ଶ୍ରେଣୀଗୃହ ସେମାନଙ୍କ ପାଇଁ ଶିକ୍ଷାଳୟ ନୁହେଁ, ବରଂ ଏକ ଭାରାକ୍ରାନ୍ତ କାରାଗାର ସଦୃଶ ମନେହେବ। ଓଡ଼ିଶାର ଯେକୌଣସି ଆଞ୍ଚଳିକ ବିଦ୍ୟାଳୟକୁ ଦେଖିଲେ ଶ୍ରେଣୀଗୃହରେ ବ୍ୟାପକ ଭାଷାଗତ ବିବିଧତା ପରିଲକ୍ଷିତ ହୁଏ। କିଛି କିଲୋମିଟର ବ୍ୟବଧାନରେ ଭାଷାର ପ୍ରୟୋଗ ଓ ଉଚ୍ଚାରଣ ବଦଳିଯାଏ। ଅନେକ ଆଦିବାସୀ ପରିବାରର ପିଲାମାନେ ବିଦ୍ୟାଳୟକୁ ଆସନ୍ତି, ଯେଉଁମାନଙ୍କ ମାତାପିତା ଶିକ୍ଷିତ ହୋଇ ଘରେ ଓଡ଼ିଆରେ କଥା ହେଉଥିଲେ ମଧ୍ୟ ସେମାନଙ୍କର ଶବ୍ଦକୋଷ ଓ ମାନକ ଭାଷାଗତ ଦକ୍ଷତା ସୀମିତ ଥାଏ। ଜଣେ ଶିଶୁ ବିଦ୍ୟାଳୟକୁ ଆସିବା ବେଳେ ମାତ୍ର କେତୋଟି ସୀମିତ ଆଞ୍ଚଳିକ ଶବ୍ଦ ସହିତ ପରିଚିତ ଥାଏ ଏବଂ ତା'ର ଶିଖିବାର ଗତି ସେହି ଶବ୍ଦଜ୍ଞାନ ଉପରେ ନିର୍ଭର କରେ। ଏହି ପରିପ୍ରେକ୍ଷୀରେ, ଶିକ୍ଷକଙ୍କୁ ନିଜେ ହିଁ ସେହି ସ୍ଥାନୀୟ ବିବିଧତାକୁ ହୃଦୟଙ୍ଗମ କରି ଶିକ୍ଷାଦାନର କୌଶଳ ବଦଳାଇବାକୁ ପଡ଼ିଥାଏ। କିନ୍ତୁ ଯେତେବେଳେ ଜଣେ ଶିକ୍ଷକ କେବଳ ଉପରୁ ନିର୍ଦ୍ଧାରିତ ହୋଇଥିବା ଜଟିଳ ଲେସନ ପ୍ଲାନ୍‌କୁ ଅକ୍ଷର ଜ୍ଞାନ ଅନୁସାରେ ପାଳନ କରିବାକୁ ଚେଷ୍ଟା କରେ, ସେତେବେଳେ ଶ୍ରେଣୀଗୃହର ସ୍ୱାଭାବିକ କଥୋପକଥନ ଓ ଜୀବନ୍ତ ପରିବେଶ ସଙ୍କୁଚିତ ହୋଇଯାଏ। ଶିଶୁର ଆଗ୍ରହ ଏବଂ ତା'ର ପ୍ରଶ୍ନ ପଚାରିବାର ସ୍ୱାଧୀନତା ଅଣଦେଖା ହୁଏ। ଶିକ୍ଷା ଅଧିକାରୀମାନେ ଅନେକ ସମୟରେ ଏମିତି ଏକ ଯାନ୍ତ୍ରିକ ଫର୍ମାଟ୍ ଖୋଜନ୍ତି, ଯାହା ଶିକ୍ଷକଙ୍କର ଶିକ୍ଷାଦାନର ସ୍ୱାଧୀନତା ଓ ସୃଜନଶୀଳତାକୁ ହତ୍ୟା କରିଥାଏ। ଶିକ୍ଷକ ପିଲାଙ୍କ ମନକୁ ବୁଝିବା ପରିବର୍ତ୍ତେ ନିଜ କାଗଜପତ୍ରର ସୂଚୀକୁ ସମ୍ପୂର୍ଣ୍ଣ କରିବାରେ ବ୍ୟସ୍ତ ରହନ୍ତି। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଅନ୍ୟ ଏକ ବଡ଼ ସମସ୍ୟା ହେଉଛି ଶିକ୍ଷକମାନଙ୍କୁ ପାଠପଢ଼ା ବ୍ୟତୀତ ଅନ୍ୟାନ୍ୟ ଅଣ-ଶୈକ୍ଷିକ ସରକାରୀ କାର୍ଯ୍ୟରେ ବହୁଳ ଭାବେ ସମ୍ପୃକ୍ତ କରାଯିବା। ଏହାଦ୍ୱାରା ସେମାନେ ସଦାସର୍ବଦା ମାନସିକ ଚାପରେ ରହୁଛନ୍ତି। ଅନେକ କ୍ଷେତ୍ରରେ ବିଦ୍ୟାଳୟ ପରିଚାଳକ ତଥା ଉପରିସ୍ଥ ଶିକ୍ଷା ଅଧିକାରୀମାନେ ନିଜକୁ କେବଳ ଜଣେ 'ନିୟନ୍ତ୍ରକ' ବା ଶାସକ ବୋଲି ଭାବନ୍ତି। ସେମାନେ ଶିକ୍ଷକମାନଙ୍କର ପ୍ରକୃତ ସମସ୍ୟା ବୁଝିବା ପରିବର୍ତ୍ତେ କଠୋର ନୀତିନିୟମ ଓ ପୂର୍ବନିର୍ଦ୍ଧାରିତ କାର୍ଯ୍ୟର ବୋଝ ଲଦିଦେବାକୁ ଚେଷ୍ଟା କରନ୍ତି। ଫଳରେ, ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ପାଇଁ ଯେତିକି ଭଲ କାର୍ଯ୍ୟ କରିପାରିଥାଆନ୍ତେ, ସେତିକି ସମୟ ଓ ମାନସିକ ଶାନ୍ତି ପାଇପାରନ୍ତି ନାହିଁ। ଏହି ସ୍ଥିତିରେ ଏକ ବଡ଼ ପରିବର୍ତ୍ତନର ଆବଶ୍ୟକତା ରହିଛି।

# ଆଧୁନିକ ପ୍ରଯୁକ୍ତିର ସ୍ପନ୍ଦନ ଓ କଙ୍ଗୋର କ୍ଷତ

## ହେମକାନ୍ତ ରାଉତରାୟ

ଗୋମ୍ବେ ସ୍ଥିତ ହୋଟେଲ ଆଡ଼କୁ ଆଗକୁ ବଢୁଥିବା ରାସ୍ତା ପ୍ରାୟ ଘଣ୍ଟାଏର। ଟାକ୍ସିର ଏଫ୍‌ଏମ୍ ରେଡିଓରୁ ଧୀମା ସ୍ୱରରେ ଭାସିଆସୁଥିଲା ଲିଙ୍ଗାଲା ରୁମ୍ବା ଗୀତ 'ୟୋ କାକା'। ସ୍ଥାନୀୟ ଲିଙ୍ଗାଲା ଭାଷାରେ 'ୟୋ'ର ଅର୍ଥ 'ତୁମେ' ଏବଂ 'କାକା'ର ମାନେ ହେଉଛି 'କେବଳ'। ବାସ୍ତବରେ, 'ୟୋ କାକା' ହେଉଛି ଭକ୍ତି, ମନର ଗଭୀର ପ୍ରଶାନ୍ତି ଏବଂ ସମଗ୍ର ସଂସାର ମଧ୍ୟରୁ କେବଳ ଜଣକୁ ଆପଣେଇ ନେବାର ଭାବନାକୁ କେନ୍ଦ୍ରକରି ଗଢ଼ା ଏକ ଆତ୍ମସ୍ପର୍ଶୀ ଆଫ୍ରିକୀୟ ପ୍ରେମ କାହାଣୀ। ଏହି ରୋମାଣ୍ଟିକ ରୁମ୍ବାର ସ୍ୱରଲହରୀରୁ ହୃଦୟ ଶେଷରେ ବୁଝିପାରେ ଯେ ପ୍ରକୃତ ସୁଖ କୌଣସି ଆଡ଼ମ୍ବରରେ ନାହିଁ, ବରଂ ନିହିତ ଅଛି କେବଳ ଜଣକର ନିଷ୍କପଟ ମିତ୍ରତାରେ— ଅର୍ଥାତ୍ 'ୟୋ କାକା' (କେବଳ ତୁମେ) ରେ।

ଓଡ଼ିଆ ସାହିତ୍ୟର ବରପୁତ୍ର ପ୍ରକୃତି କବି ମାୟାଧର ମାନସିଂହଙ୍କ ସେହି ଅମର ପଙ୍କ୍ତି, 'ପ୍ରେମ ନୁହେଁ ଦେହୁଁ ଦେହ ଭାଗ ଅନ୍ୱେଷଣ, ପ୍ରେମ ଏକ ଆତ୍ମା ପ୍ରତି ଅନ୍ୟର ବନ୍ଦନ' ଏବଂ 'ସକଳେ ଡାକନ୍ତି 'ତମେ' 'ତମେ' ବୋଲି ସେ 'ତମେ'ର ମୂଳ ନାହିଁ, ତମେ ଯେବେ ମୋତେ 'ତମେ' ବୋଲି କହ, ଏତେ ମିଠା କାହିଁ ପାଇଁ?'- ବାସ୍ତବିକ୍ ଏହି ଦୂରଦେଶର ଲିଙ୍ଗାଲା ରୁମ୍ବାର ଆତ୍ମାକୁ ହିଁ ବଖାଣେ। ପ୍ରେମର ଏହି ସାର୍ବଜନୀନ ଭାବ କାଳ ଓ ଭୂଗୋଳର ସୀମା ଟପି ଏକାକାର ହୋଇଯାଏ। କଙ୍ଗୋଲୀୟ ରୁମ୍ବାର ଏହି ସାଂସ୍କୃତିକ ଗୁରୁତ୍ୱକୁ ଉପଲବ୍ଧି କରି ୟୁନେସ୍କୋ ଏହାକୁ ବିଶ୍ୱ ଐତିହ୍ୟ ତାଲିକାରେ ସମ୍ମିଳିତ କରିଛି ଏବଂ କିନ୍‌ଶାସାକୁ 'ସୃଜନଶୀଳ ସଙ୍ଗୀତ ସହର'ର ମାନ୍ୟତା ପ୍ରଦାନ କରିଛି। ଏକଥା ସତ୍ୟ ଯେ, ଲାଇଭ୍ ରୁମ୍ବାର ସଙ୍ଗୀତ ମୂର୍ଚ୍ଛନାତ୍ମକଭାବେ ମଂଶନା ବିନା କଙ୍ଗୋ ଭ୍ରମଣ ସମ୍ପୂର୍ଣ୍ଣ ଅଲଣା ତରକାରି ସଦୃଶ ମନେହୁଏ।

ଆଫ୍ରିକାର କ୍ଷେତ୍ରଫଳ ଅନୁସାରେ ଦ୍ୱିତୀୟ ବୃହତ୍ତମ ଏବଂ ଚତୁର୍ଥ ସର୍ବାଧିକ ଜନବହୁଳ ଦେଶ ହେଉଛି ଡି.ଆର୍. କଙ୍ଗୋ (ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ ବା ଡିଆରସି)। ଏହାର ସ୍ପନ୍ଦିତ ରାଜଧାନୀ କିନ୍‌ଶାସା। ସହର ଉପକଣ୍ଠର ଘନ ବସତିକୁ ଚିରି ଟାକ୍ସି ଯେତେବେଳେ ଭିଡ଼ଭାଡ଼ ରାସ୍ତାକଡ଼ର ଛୋଟ ବଡ଼ ଦୋକାନବଜାର ଟପି ଅବଶେଷରେ ଗୋମ୍ବେ ନିକଟରେ ପହଞ୍ଚିଲା, ସେତେବେଳେ ବିଶେଷକରି 'ବୁଲଭାର୍ ଦୁ ଥର୍ଟି ଜୁଆଁ' ରାସ୍ତା ପାଖରେ ସମୁଦ୍ରସମ ଏକ ବିଶାଳ ଧୂସର-ନୀଳ ଜଳରାଶି ଦେଖି ଆଖି ଆପେ ଆପେ ଅଟକିଯାଏ। ଇଏ ହେଉଛି ସେହି ଭୀମସୁନ୍ଦର, କିମ୍ବଦନ୍ତୀ ସଦୃଶ କଙ୍ଗୋ ନଦୀ।

ଆମାଜନ ପରେ ପୃଥିବୀର ଦ୍ୱିତୀୟ ବୃହତ୍ତମ ଏବଂ ନୀଳନଦୀ ପଛକୁ ଆଫ୍ରିକାର ଦ୍ୱିତୀୟ ଦୀର୍ଘତମ ନଦୀ ଭାବେ ଏହାର ଆଖ୍ୟା ରହିଛି। ଏହାର ଗଭୀରତା ଏତେ ଯେ, ପାଖାପାଖି ୭୦ରୁ ୭୫ଟି ଭାରତୀୟ ହାତୀକୁ ଗୋଟିଏ ଉପରେ ଗୋଟିଏ ଠିଆ କରାଇ ଯଦି ଏକ ବିରାଟ 'ହାତୀର ମୀନାର' ଗଠନ କରାଯାଏ, ତେବେ ତାକୁ ମଧ୍ୟ ଏହି ନଦୀ ନିଜ ଗର୍ଭରେ ଅତିରେ ବୁଡ଼ାଇଦେବ। ଏହା ପୃଥିବୀର ସବୁଠାରୁ ଗଭୀରତମ ନଦୀ। ଡିଆରସିର ଜୀବନରେଖା ବା ଧମନୀ ବୋଲାଉଥିବା ଏହି ନଦୀ ବିଷୁବରେଖାକୁ ଦୁଇଥର ଅତିକ୍ରମ କରେ। ପ୍ରଥମେ ଦକ୍ଷିଣ ଗୋଲାର୍ଦ୍ଧରୁ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କଲାବେଳେ 'ମ୍ବାନ୍ଦାକା' ନିକଟରେ ଏବଂ ଆଉଥରେ ଦକ୍ଷିଣ-ପଶ୍ଚିମ ଦିଗକୁ ବଙ୍କାଇ ଦକ୍ଷିଣ ଗୋଲାର୍ଦ୍ଧକୁ ଫେରିବାବେଳେ 'ଲିରାଙ୍ଗା' ନିକଟରେ ଏହା ବିଷୁବରେଖା ଅତିକ୍ରମ କରିଥାଏ। ଏହି ଅଦ୍ଭୁତ ଭୌଗୋଳିକ ପଥ କାରଣରୁ କଙ୍ଗୋ ନଦୀକୁ ଦୁଇ ଗୋଲାର୍ଦ୍ଧରୁ ପ୍ରଚୁର ବର୍ଷାଜଳ ମିଳିଥାଏ, ଯାହା ବର୍ଷସାରା ଏହାର ଜଳପ୍ରବାହକୁ ସ୍ଥିର ଓ ଶକ୍ତିଶାଳୀ ରଖେ।

ଏହି ମହାନଦୀର ଏ କୂଳରେ କିନ୍‌ଶାସା ଅବସ୍ଥିତ ତ ଆର କୂଳରେ ରହିଛି କଙ୍ଗୋ ଗଣରାଜ୍ୟର ରାଜଧାନୀ ବ୍ରାଜାଭିଲ୍। ଏହା ବିଶ୍ୱର ସବୁଠାରୁ ମୁହାଁମୁହିଁ ଥିବା ନିକଟତମ ଦୁଇଟି ରାଜଧାନୀ ସହର, ଯାହାଙ୍କ ମଧ୍ୟରେ ହାରାହାରି ତଫାତ୍ ମାତ୍ର ପାଞ୍ଚ କିଲୋମିଟର। ଏହି ଦୁଇ ଦେଶ ୧୯୬୦ ମସିହାରେ ସ୍ୱାଧୀନ ହୋଇଥିଲେ। ଡିଆରସି ବେଲଜିୟମ୍ ଠାରୁ ୩୦ ଜୁନ୍ ୧୯୬୦ରେ ଏବଂ କଙ୍ଗୋ ଗଣରାଜ୍ୟ ଫ୍ରାନ୍ସଠାରୁ ୧୫ ଅଗଷ୍ଟ ୧୯୬୦ରେ ମୁକ୍ତିଲାଭ କରିଥିଲା। ପ୍ରକୃତିର ନିୟମରେ, 'ପୁଲ୍ ମାଲେବୋ' ଠାରେ ନଦୀଟି ଏକ ପ୍ରକାଣ୍ଡ ହ୍ରଦର ଭ୍ରମ ସୃଷ୍ଟି କରି ଅଚାନକ ପ୍ରାୟ ୨୪ କିଲୋମିଟର ଯାଏଁ ଚଉଡ଼ା ହୋଇ ପ୍ରସାରିତ ହୋଇଯାଇଛି।

କଙ୍ଗୋ ନଦୀ କେବଳ ଏକ ଜଳରାଶି ନୁହେଁ, ବରଂ ଏକ ଭୌଗୋଳିକ ବିସ୍ମୟ। ଏଥିରୁ ପ୍ରତିବର୍ଷ ପଚାଶ କୋଟି ଅଲିମ୍ପିକ ସ୍ୱିମିଂ ପୁଲ୍ ପରିମାଣର ବିପୁଳ ଜଳ ଆଟଲାଣ୍ଟିକ ମହାସାଗରକୁ ପ୍ରବାହିତ ହୋଇଥାଏ। ଏହି ପାଣିର ପରିମାଣ ଏତେ ଯେ, ତାହା ସାରା ଭାରତବର୍ଷକୁ ଅଧମିଟର ଗଭୀରତାର ପାଣି ଚାଦରରେ ଢାଙ୍କିଦେବା ପାଇଁ ଯଥେଷ୍ଟ। ନିଜର ପ୍ରଥମ ୩୫୦ କିଲୋମିଟରର ଯାତ୍ରାକାଳରେ କଙ୍ଗୋନଦୀ ସଙ୍କୁଚିତ ଖାଇ ଦେଇ ପ୍ରବାହିତ ହୁଏ ଏବଂ ବତିଶଟି ପୃଥକ୍ ପ୍ରପାତ ମାଧ୍ୟମରେ ଏମିତି ଭୟଙ୍କର ଭାବେ କଚାଡ଼ି ହୋଇପଡ଼େ ଯେ, ତହିଁରୁ ସୃଷ୍ଟି ହେଉଥିବା ଢେଉ ପ୍ରାୟ ଚାଳିଶ ମହଲା ଘର ଉଚ୍ଚତା ସଦୃଶ ପ୍ରତୀତ ହୁଏ। ଏହି ପ୍ରପାତଗୁଡ଼ିକରୁ ଯେତିକି ଜଳବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ, ତାହା ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ସମସ୍ତ ହ୍ରଦ ଓ ନଦୀର ମିଳିତ ସମ୍ଭାବ୍ୟ ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ସହିତ ସମାନ। ଅନ୍ୟପକ୍ଷରେ, ବାୟୁମଣ୍ଡଳର ସୁରକ୍ଷା ବଳୟରେ କଙ୍ଗୋର ଅବଦାନ ଅତୁଳନୀୟ। ଅଙ୍ଗାରକାମ୍ଳ ଶୋଷଣ କରିବାରେ ଅକ୍ଷମ ମଣିଷର ଫୁସଫୁସ ଦିନକୁ ପ୍ରାୟ ୮୦୦ରୁ ୧୦୦୦ ଗ୍ରାମ୍ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ) ନିଃଶ୍ୱାସରେ ବାୟୁମଣ୍ଡଳକୁ ଛାଡ଼ିଥାଏ। କିନ୍ତୁ ପ୍ରକୃତିର ବରଦାନ ସ୍ୱରୂପ ଉଦ୍ଭିଦ ଜଗତ ଏହି ଅଙ୍ଗାରକାମ୍ଳ ଓ ପାଣିକୁ ବ୍ୟବହାର କରି ନିଜର ଖାଦ୍ୟ (ଗ୍ଲୁକୋଜ) ତିଆରି କରେ ଏବଂ ଆମ ପାଇଁ ସଞ୍ଜୀବନୀ ସଦୃଶ ଅମ୍ଳଜାନ (ଅକ୍ସିଜେନ୍) ମୁକ୍ତ କରେ, ଯାହାକୁ ବିଜ୍ଞାନ ଭାଷାରେ ଆଲୋକସଂଶ୍ଲେଷଣ (ଫୋଟୋସିନ୍ଥେସିସ୍) କୁହାଯାଏ। ଜୀବ ଓ ଉଦ୍ଭିଦ ଜଗତର ଏହି ସୂକ୍ଷ୍ମ ଏବଂ ପବିତ୍ର ସନ୍ତୁଳନ ସେତେବେଳେ ସମ୍ପୂର୍ଣ୍ଣ ବିଗିଡ଼ିଯାଏ, ଯେତେବେଳେ ଆଧୁନିକ ମଣିଷ କୋଇଲା, ପେଟ୍ରୋଲିୟମ୍ ଓ ଗ୍ୟାସ୍ ପରି ଜୀବାଶ୍ମ ଇନ୍ଧନକୁ ନିଜର ବିଳାସ ଓ ସ୍ୱାର୍ଥ ପାଇଁ ମନଇଚ୍ଛା ଜଳାଇ ନୂତନ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ପ୍ରେରଣ କରେ। ଏହି କାର୍ବନର ବୃଦ୍ଧି ହିଁ ଆଜିର ସମୟରେ ବିଶ୍ୱ ଉଷ୍ମାୟନ (ଗ୍ଲୋବାଲ ୱାର୍ମିଂ) ଓ ଭୟଙ୍କର ଜଳବାୟୁ ପରିବର୍ତ୍ତନର ମୂଳ କାରଣ ସାଜିଛି।

ଏଭଳି ସଂକଟ ସମୟରେ, କଙ୍ଗୋନଦୀ ଅବବାହିକାରେ ଥିବା ବିଶାଳ ସବୁଜ ଅରଣ୍ୟ ପୃଥିବୀ ପାଇଁ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ କବଚ। ଏହି ଜଙ୍ଗଲର କ୍ଷେତ୍ରଫଳ ପ୍ରାୟ ୨୪ଟି ଓଡ଼ିଶାର ସମୁଦାୟ କ୍ଷେତ୍ରଫଳ ସହିତ ସମାନ। ଏହା ପୃଥିବୀର ଦ୍ୱିତୀୟ ବୃହତ କାର୍ବନ ସଂଗ୍ରହ କେନ୍ଦ୍ର ଭାବରେ ବର୍ଷକୁ ପ୍ରାୟ ୧୩୦୦୦ ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିଜ ଭିତରେ ଶୋଷଣ କରି ରଖିପାରେ। ଏକ ସାଧାରଣ ପ୍ରାପ୍ତବୟସ୍କ ଗଛର ବାର୍ଷିକ ଅଙ୍ଗାରକାମ୍ଳ ଶୋଷଣ କ୍ଷମତାକୁ ଯଦି ଆମେ ୨୦ରୁ ୨୫ କିଲୋଗ୍ରାମ୍ ମନେକରିବା, ତେବେ କଙ୍ଗୋ ଜଙ୍ଗଲରେ ମୋଟାମୋଟି ୫୦୦୦ରୁ ୬୦୦୦ କୋଟି ଗଛ ଥିବାର ଆକଳନ କରାଯାଇପାରେ। ଏହାର ଅର୍ଥ ପ୍ରାୟ ୮୨୦ କୋଟି ଜନସଂଖ୍ୟା ବିଶିଷ୍ଟ ପୃଥିବୀରେ ପ୍ରତି ଜଣେ ମଣିଷ ପିଛା ଏଠାରେ ୬ରୁ ୭ଟି ଗଛ ରହିଛି। ପୃଥିବୀର ସାମଗ୍ରିକ ଜଳବାୟୁ ସନ୍ତୁଳନକୁ ନିଜ ବାହୁପାଶରେ ଧରି ରଖିଥିବାରୁ ଏହାକୁ 'ପୃଥିବୀର ଦ୍ୱିତୀୟ ଫୁସଫୁସ' (ପ୍ରଥମ, ଆମାଜନ ଜଙ୍ଗଲ) କୁହାଯାଏ। ବାସ୍ତବରେ, ଏହି କଙ୍ଗୋ ଜଙ୍ଗଲ ଯଦି ମାନବର ଲୋଭ ଯୋଗୁଁ ଧ୍ୱଂସ ହୁଏ, ତେବେ ମାନବ ସଭ୍ୟତାର ମୃତ୍ୟୁ ମଧ୍ୟ ନିଶ୍ଚିତ।

କଙ୍ଗୋ କେବଳ ଉପରୁ ସବୁଜ ନୁହେଁ, ବରଂ ଏହା ଏକ ପ୍ରକାର ଭୂତାତ୍ତ୍ୱିକ ଚମତ୍କାର। ଏହାର ଗର୍ଭରେ ତମ୍ବା, କୋବାଲ୍ଟ, କୋଲଟାନ୍, ହୀରା, ସୁନା ଓ ୟୁରାନିୟମର ବିପୁଳ ଏବଂ ବିସ୍ମୟକର ଭଣ୍ଡାର ଲୁଚି ରହିଛି। ଆଜିର ଡିଜିଟାଲ ଯୁଗର ପ୍ରତିଟି ସାମଗ୍ରୀ କଙ୍ଗୋ ଉପରେ ନିର୍ଭରଶୀଳ। ମୋବାଇଲ, ଲ୍ୟାପଟପ୍ ଏବଂ ଇଲେକଟ୍ରିକ୍ ଗାଡ଼ିର ରିଚାର୍ଜେବଲ୍ ବ୍ୟାଟେରୀ ପାଇଁ କୋବାଲ୍ଟ ନିହାତି ଆବଶ୍ୟକ। ସେହିପରି ଇଲେକଟ୍ରୋନିକ୍ ଦୁନିଆରେ କାପାସିଟର୍ ତିଆରିରେ ବ୍ୟବହୃତ ହେଉଥିବା ଟାଣ୍ଟାଲମ୍ ଆସେ ଏହି କୋଲଟାନରୁ, ଏବଂ ବିଦ୍ୟୁତ ପରିବହନ, ସର୍କିଟ୍, ଗ୍ରିଡ୍, ମୋଟର ଇତ୍ୟାଦି ପ୍ରତିଟି ବୈଦ୍ୟୁତିକ ଉପକରଣ ପାଇଁ ଲାଗୁଥିବା ତମ୍ବା ମଧ୍ୟ କଙ୍ଗୋର ଖଣିରୁ ହିଁ ଉତ୍ତୋଳନ କରାଯାଏ। ଏହି କାରଣରୁ କଙ୍ଗୋକୁ ବିଶ୍ୱ ଅର୍ଥନୀତିରେ 'ଆଧୁନିକ ପ୍ରଯୁକ୍ତିର ଖଣିଜ ହୃଦୟ' ବୋଲି ସମ୍ବୋଧନ କରାଯାଏ। କିନ୍ତୁ ଏହି ପ୍ରାକୃତିକ ସମ୍ପଦ ହିଁ କଙ୍ଗୋ ପାଇଁ ସବୁଠାରୁ ବଡ଼ ଅଭିଶାପ ସାଜିଲା। ଊନବିଂଶ ଶତାବ୍ଦୀର ଶେଷଭାଗରେ ଯେତେବେଳେ ଆଫ୍ରିକା ମହାଦେଶରେ ଉପନିବେଶ ସ୍ଥାପନ କରିବା ପାଇଁ ୟୁରୋପର ମହାଶକ୍ତିଗୁଡ଼ିକ ମଧ୍ୟରେ ଏକ ଅନ୍ଧ ଦଉଡ଼ ଚାଲିଥିଲା, ସେତେବେଳେ ବେଲଜିୟମର କ୍ରୁର ରାଜା ଲିଓପୋଲ୍ଡ ଦ୍ୱିତୀୟ (୧୮୮୫-୧୯୦୮) ଅତି ଚତୁରତାର ସହ ସମଗ୍ର କଙ୍ଗୋକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବେ ଘୋଷଣା କରିଦେଲେ। ସେ ସେଠାରେ ଯେଉଁ ବର୍ବର ଏବଂ ରକ୍ତାକ୍ତ ଔପନିବେଶିକ ଶାସନର ମୂଳଦୁଆ ରଖିଲେ, ତାହା ମାତ୍ର କେଇଟା ବର୍ଷ ମଧ୍ୟରେ କଙ୍ଗୋର ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟା (ପାଖାପାଖି ଶହେ ଲକ୍ଷ ମଣିଷ)ଙ୍କୁ ମୂଳପୋଛ କରିଦେଇଥିଲା। ରବର ଓ ହାତୀଦାନ୍ତର ନିର୍ଦ୍ଧାରିତ କୋଟା ପୂରଣ ନହେଲେ ସ୍ଥାନୀୟ ଗାଁଗୁଡ଼ିକୁ ନିଆଁ ଲଗାଇ ଜାଳି ଦିଆଯାଉଥିଲା, ଶ୍ରମିକ ଓ ଶିଶୁମାନଙ୍କର ହାତପାପୁଲି କାଟି ଦିଆଯାଉଥିଲା ଏବଂ ମହିଳାମାନଙ୍କୁ ଅତି ଅମାନୁଷିକ ଭାବେ ବନ୍ଧକ ବନାଯାଉଥିଲା। ଇତିହାସର ପୃଷ୍ଠାରେ ବେଲଜିୟମ କଙ୍ଗୋ ସର୍ବଦା ଔପନିବେଶିକ ଶୋଷଣ ଓ ନିଷ୍ଠୁରତାର ସବୁଠାରୁ କଳଙ୍କିତ ଓ ଭୟାନକ ନିଦର୍ଶନ ହୋଇ ରହିବ।

ଜାତୀୟ ଚେତନା
JATIYA CHETANA



# ଆୟୁଷ୍ମାନରେ ଆଶ୍ୱସ୍ତି: ଆଡମିଶନ ପୂର୍ବରୁ ହେବ ଫ୍ରି ଟେଷ୍ଟ

ଭୁବନେଶ୍ୱର,(ଜା.ପ୍ର): ଏଣିକି ରୋଗୀ ଆଡ୍‌ମିଟ୍ ପୂର୍ବରୁ ଆୟୁଷ୍ମାନ କାର୍ଡରେ ହେବ ସବୁ ମେଡିକାଲ୍ ପରୀକ୍ଷା। ନକଲେ ହସ୍ପିଟାଲ ବିରୋଧରେ ହେବ ଆକ୍ସନ। ଶନିବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି। ରୋଗୀ ହସ୍ପିଟାଲରେ ଆଡମିଟ ହେବାର ୩ ଦିନ ପୂର୍ବରୁ ଯାହା ଟେଷ୍ଟ ହେବ ତାହା ଆୟୁଷ୍ମାନ ପ୍ୟାକେଜରେ ଅନ୍ତର୍ଭୁକ୍ତ ରହିବ। ଯେଉଁ ହସ୍ପିଟାଲ୍ ନକରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏହି ନିର୍ଦ୍ଦେଶକୁ ସମସ୍ତ ଘରୋଇ ହସ୍ପିଟାଲ ପାଳନ ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ରହିଛି। ଏଥିପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ତାଗିଦ କରାଯାଇଛି। ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟି ବିଭିନ୍ନ ହସ୍ପିଟାଲ ଯାଇ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ କିଛି ହସ୍ପିଟାଲ ଟେଷ୍ଟକୁ ଅନ୍ତର୍ଭୁକ୍ତ କରୁନଥିଲେ। ଏନେଇ ଗଣମାଧ୍ୟମ ଓ ସୋସିଆଲ ମିଡିଆରୁ ଅଭିଯୋଗ ପାଇଥିବା ମନ୍ତ୍ରୀ କହିଛନ୍ତି। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଏକ ବୈଠକ କରି ବିଭାଗୀୟ ଅଧିକାରୀ ଏବଂ ଘରୋଇ ହସ୍ପିଟାଲ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏହା ସହ ହସ୍ପିଟାଲ କର୍ମଚାରୀ ମାନେ ରୋଗୀ ଓ ସମ୍ପର୍କୀୟମାନଙ୍କୁ ଉତ୍ତମ ବ୍ୟବହାର, ଉତ୍ତମ ଚିକିତ୍ସା ସହ କୌଣସି ଅଭିଯୋଗ ଯେମିତି ଆସିବ ନାହିଁ, ତା ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଛି।

ଶନିବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବୈଠକରେ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ। ଆୟୁଷ୍ମାନ ଯୋଜନାର ହିତାଧିକାରୀଙ୍କୁ ଭଲ ବ୍ୟବହାର ଓ ଆତିଥ୍ୟ ପ୍ରଦାନ ପୂର୍ବକ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ସମସ୍ତ ବେସରକାରୀ ହସ୍ପିଟାଲଗୁଡ଼ିକୁ କହିଛନ୍ତି। ମେଡିକାଲକୁ ଆସୁଥିବା ଅଧିକ ପ୍ରତିଶତ ଲୋକ ଆୟୁଷ୍ମାନ ଯୋଜନା ହିତାଧିକାରୀ। ସେମାନଙ୍କ ସୁବିଧା ପାଇଁ ହେଲ୍ପ ଡେସ୍କ କରିବାକୁ ସମସ୍ତ ମେଡିକାଲକୁ କହିଥିଲେ। ସାହାଯ୍ୟପୂର୍ଣ୍ଣ ପରିବେଶରେ ଚିକିତ୍ସା ପାଇଲେ ହସ୍ପିଟାଲର ସୁନାମ ବଢ଼ିବ। ବୈଠକରେ ଯୋଜନା ଅଧୀନରେ ରୋଗୀମାନଙ୍କୁ ଗୁଣାତ୍ମକ ଏବଂ କ୍ୟାଶଲେସ୍ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଅଶ୍ୱତୀ ଏସ୍ , ଜାତୀୟ ସ୍ୱାସ୍ଥ୍ୟ ମିସନ ଏମ ଡି ଡ଼. ବୃନ୍ଦା ଡ଼ି, ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଶୀତଳ ଷଷ୍ଠୀ ପାଇଁ ୧.୮କୋଟି ଅନୁଦାନ

ଭୁବନେଶ୍ୱର,(ଜା.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ



ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ' ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

# ଭୁବନେଶ୍ୱରରେ ହେବ ଏସିଆନ୍ ଇନ୍‌ଡୋର ଚାମ୍ପିଅନ୍‌ଶିପ୍

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାକୁ ପ୍ରତିଷ୍ଠିତ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ୨୦୨୭ର ଆୟୋଜନ ଅଧିକାର ମିଳିଛି। ଏହି ନିର୍ଣ୍ଣୟ ବୁଧବାର ହଂକଂରେ ଅନୁଷ୍ଠିତ ଏସିଆନ୍ ଆଥ୍‌ଲେଟିକ୍ସ କାଉନ୍‌ସିଲ୍ ବୈଠକରେ ନିଆଯାଇଛି। ଏହା ବ୍ୟତୀତ କାଉନ୍‌ସିଲ୍ ଚଣ୍ଡିଗଡ଼କୁ ଏସିଆନ୍ ରିଲେ ୨୦୨୮ ଆୟୋଜନ ଅଧିକାର ପ୍ରଦାନ କରିଛି। ବିଶ୍ୱ ଆଥ୍‌ଲେଟିକ୍ସ ଉପାଧ୍ୟକ୍ଷ ଆଦିଲ୍ ସୁମରିୱାଲା ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଏହି ସୂଚନା ଦେବା ସହ ଏହା ଭାରତ ପାଇଁ ବହୁ ଗର୍ବର ବିଷୟ ବୋଲି କହିଛନ୍ତି। ଏହି ନିଷ୍ପତ୍ତି ଫଳରେ ଓଡ଼ିଶାର ଖେଳ ଭିତ୍ତିଭୂମି ଏବଂ ଆୟୋଜନ କ୍ଷମତାକୁ ଅନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ମିଳିବାର ଆଶା ରହିଛି। ଅଧିକାରୀଙ୍କ ଅନୁସାରେ ଏହି ଉପଲବ୍ଧି ଓଡ଼ିଶା ପାଇଁ ଅନ୍ତର୍ଜାତୀୟ ଖେଳ ଆୟୋଜନରେ ବୃଦ୍ଧି ପାଉଥିବା ଭରସାକୁ ଦର୍ଶାଉଛି। ଚାମ୍ପିଅନ୍‌ଶିପ୍‌ର ଆୟୋଜନ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ହେବ। ଗତବର୍ଷ କଳିଙ୍ଗ ଷ୍ଟାଡିୟମ୍ ୱାର୍ଲ୍ଡ ଆଥ୍‌ଲେଟିକ୍ସର



ବ୍ରୋଞ୍ଜ୍-ଲେଭଲ୍ ମହାଦ୍ୱୀପୀୟ ଟୁର୍ କାର୍ଯ୍ୟକ୍ରମର ସଫଳତାପୂର୍ବକ ଆୟୋଜନ କରିଥିଲା। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଓଡ଼ିଶା ଏବଂ ଭାରତ ପାଇଁ ଗର୍ବର କ୍ଷଣ ବୋଲି କହିଛନ୍ତି। ସେ କହିଛନ୍ତି, ଏହା ଓଡ଼ିଶାକୁ ଏକ ପ୍ରମୁଖ ବୈଶ୍ୱିକ ଖେଳ କେନ୍ଦ୍ର ରୂପେ ସ୍ଥାପିତ କରିବା ଦିଗରେ ଆଉ ଏକ ମାଇଲଖୁଣ୍ଟ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଏକ୍ସ' ପୋଷ୍ଟରେ କହିଛନ୍ତି, 'ଓଡ଼ିଶାର ବିଶ୍ୱସ୍ତରୀୟ ଆଧାରଗତ ଭିତ୍ତିଭୂମି ଏବଂ ବଡ଼ ସ୍ତରରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିବାର ଅସାଧାରଣ କ୍ଷମତା ଆଜି ଆମକୁ ବୈଶ୍ୱିକ ଖେଳ ଜଗତରେ ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପିତ କରିଛି। ହଂକଂରେ ଆୟୋଜିତ ଏସିଆନ୍ ଆଥ୍‌ଲେଟିକ୍ସ ପରିଷଦର ବୈଠକରେ ଓଡ଼ିଶାକୁ ୨୦୨୭ ଏସିଆନ୍ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି। ଏହା ସାରା ଦେଶ ସହିତ ଓଡ଼ିଶର ଲୋକଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର କ୍ଷଣ।' ସେ ଆହୁରି କହିଛନ୍ତି, 'କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିଅନ୍‌ଶିପ୍ ୨୦୨୮ ପୂର୍ବରୁ ଏହି ଏସିଆନ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ ଆମ ଖେଳ ଉପଲବ୍ଧିରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡୁଛି। ଖେଳ କ୍ଷେତ୍ରରେ ଏହି ଚମତ୍କାର ସଫଳତା ଆମ ପରିଚୟ ଏବଂ ସ୍ୱାଭିମାନକୁ ଆହୁରି ଶକ୍ତିଶାଳୀ କରିବା ସହିତ ଆମ ଯୁବ ଖେଳ ପ୍ରତିଭାଙ୍କୁ ଏକ ନୂଆ ବୈଶ୍ୱିକ ପରିଚୟ ପ୍ରଦାନ କରିବ। ସୂଚନାଯୋଗ୍ୟ, ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ୨୦୧୭ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଥିଲା। ଗତବର୍ଷ ଓଡ଼ିଶା ୱାର୍ଲ୍ଡ ଆଥ୍‌ଲେଟିକ୍ସ ମହାଦ୍ୱୀପୀୟ ଟୁର୍ ବ୍ରୋଞ୍ଜ୍-ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରିଥିଲା, ଯେଉଁଥିରେ ବିଶ୍ୱର ୨୦୦ରୁ ଉର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗ ନେଇଥିଲେ।

# ୩୦ ବର୍ଷ ଶାସନ ପାଇଁ ବିଜେପିର 'ବ୍ଲୁ ପ୍ରିଣ୍ଟ'

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାରେ ବିଜେପି ୩୦ ବର୍ଷ ଶାସନ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଦଳର ରାଷ୍ଟ୍ରୀୟ ସମ୍ପାଦକ ଅରୁଣ ସିଂହ। ଶୁକ୍ରବାର ଗଣମାଧ୍ୟମକୁ ଶ୍ରୀ ସିଂହ କହିଛନ୍ତି ଯେ, ଚବିଶ ବର୍ଷର ବିଜେଡି ଶାସନକୁ ଜୁନ ୨୦୨୪ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ଶ୍ରୀ ମାଝୀ। ଆଉ ଦୁଇ ସପ୍ତାହର କମ୍ ଅବଧି ପରେ ଅର୍ଥାତ ଜୁନ ୧୨ରେ ଓଡ଼ିଶାରେ ବିଜେପି ସରକାରକୁ ଦୁଇବର୍ଷ ପୂରିବ। ଶ୍ରୀ ସିଂହ କହିଛନ୍ତି ଯେ, ଦୁଇ ବର୍ଷର ଅନେକ ଉପଲବ୍ଧି ରହିଛି। ଅନେକ ଭଲ ଯୋଜନା କାର୍ଯ୍ୟକାରୀ ହୋଇଛି। ରାଜ୍ୟ ସରକାର ଭଲ କାମ କରୁଛନ୍ତି। ରାଜ୍ୟର ତୃଣମୂଳ ସ୍ତରରେ ଲୋକେ ଟୋଜନାର ସୁଫଳ ପାଉଛନ୍ତି। ଏହାକୁ ନେଇ ବିଜେପି ପାଳନ କରିବ ବିଜୟ ଉତ୍ସବ। ଏହି ଖୁସି ମୁହୂର୍ତ୍ତରେ ଆୟୋଜିତ ସମାରୋହରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ କୌଣସି ଦିନ ଆସି ଏଥିରେ ସାମିଲ ହେବେ। ଉକ୍ତ ସମାରୋହରେ ଦୁଇ ନୂଆ ଯୋଜନା ସହ ରାଜ୍ୟରେ ବିଜେପି ୩୦ ବର୍ଷ ଶାସନ କରିବା ପାଇଁ ପ୍ରସ୍ତୁତ କରିଥିବା ବ୍ଲୁ ପ୍ରିଣ୍ଟ୍ ଘୋଷଣା ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ୧୦ ଦିନରେ ଭଡ଼ା ନବଢ଼ିଲେ ବସ୍ ଧର୍ମଘଟ

ଭୁବନେଶ୍ୱର,(ଜା.ପ୍ର): ସରକାରଙ୍କୁ ଘରୋଇ ବସ୍ ମାଲିକ ସଂଘର ଅଲଟିମେଟମ୍। ୧୦ ଦିନରେ ଭଡ଼ା ବୃଦ୍ଧି ନିଷ୍ପତ୍ତି ନନେଲେ ବସ୍ ଚଳାଚଳ ବନ୍ଦ ଚେତାବନୀ। କଟକରେ ଆୟୋଜିତ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକ ପରେ ଘରୋଇ ବସ୍ ମାଲିକ ସଂଘ ସାଧାରଣ ସଂପାଦକ ଦେବେନ୍ଦ୍ର କୁମାର ସାହୁ ଏନେଇ ସୂଚନା ଦେଇଛନ୍ତି। ଡିଜେଲ ସହ ବସ ବ୍ୟବସାୟରେ ଆନୁସଙ୍ଗିକ ଜିନିଷର ମୂଲ୍ୟ ବୃଦ୍ଧି ଘଟିଛି। ଏହା ସହ ବୀମା ଓ ଟିକସ୍ ମଧ୍ୟ ବଢ଼ିଛି। ଏଭଳି ପରିସ୍ଥିତିରେ ସର୍ବନିମ୍ନ ବସ୍ ଭଡା ବୃଦ୍ଧି ନହେଲେ ଯାତ୍ରା ପରିବହନ ବ୍ୟବସାୟ କରିବା ଅସମ୍ଭବ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ କହିଛନ୍ତି। ଏନେଇ ଶନିବାର କଟକରେ ଆୟୋଜିତ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ହେବା ସହ ବସ୍ ଭଡା ସଂଶୋଧନ ପାଇଁ ସରକାରଙ୍କୁ ୧୦ଦିନ ମହଲତ ଦିଆଯାଇଛି।

## ରାଜଧାନୀରେ ତ୍ରିକୋଣୀୟ ପ୍ରେମରୁ ଗଡ଼ିଲା ମୁଣ୍ଡ

# ସାଙ୍ଗକୁ ଥାର୍ ଚଢ଼ାଇ ହତ୍ୟା କଲା ସାଙ୍ଗ

ଭୁବନେଶ୍ୱର,(ଜା.ପ୍ର): ରାଜଧାନୀରେ ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଜଣେ ଯୁବକଙ୍କ ଉପରେ ଥାର୍ ଚଢ଼ାଇ ହତ୍ୟା କରାଯାଇଛି। ଚନ୍ଦ୍ରଶେଖରପୁର ଆଚାର୍ଯ୍ୟ ହରିହର କଲେଜ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା କାଇପଦର ଅଞ୍ଚଳର ବରୁଣ କୁମାର ରାଉତରାୟ। ପ୍ରଥମେ ଏହା ଦୁର୍ଘଟଣା ବୋଲି ଜଣାପଡ଼ିଥିଲା। ହେଲେ ପରେ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ସବୁଠାରୁ ବଡ଼ କଥା ହେଲା ଯେ ହତ୍ୟାକାଣ୍ଡରେ ମୃତକଙ୍କ ସାଙ୍ଗ ବି ସାମିଲ ଅଛନ୍ତି। ଏହି ମାମଲାରେ ଚନ୍ଦ୍ରଶେଖର ପୁଲିସ ଟିମ୍ ଶନିବାର ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଅପରାଧରେ ବ୍ୟବହୃତ ଥାର୍ ଓ ଗୋଟିଏ ସ୍କୁଟି ଜବତ କରିଛି। ଅଭିଯୁକ୍ତମାନେ ହେଲେ ବାପୁନି ଓରଫ ବ୍ରହ୍ମାନନ୍ଦ ଦାସ, ଚିଦାନନ୍ଦ ଦାସ, ଆଶିଷ ଦେହୁରୀ, ସ୍ୱସ୍ତିକ ଭରଦ୍ୱାଜ, ସୁରଜ ବିଶ୍ୱକର୍ମା ଓ ଶ୍ରୀଧର ନାୟକ। ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ସୁରଜ ବିଶ୍ୱକର୍ମା ବୋଲି ଜଣାପଡ଼ିଛି। ଅପରାଧରେ ବ୍ୟବହୃତ ଥାରର ମାଲିକ ବାପୁନି ଓରଫ ବ୍ରହ୍ମାନନ୍ଦ ଦାସ ବୋଲି ଜଣାଯାଇଛି। ଅଭିଯୁକ୍ତମାନେ ଶୈଳେଶ୍ରୀ ବିହାର ଅଞ୍ଚଳର ସୂଚନା ମିଳିଛି। ବରୁଣଙ୍କ ପ୍ରେମିକାଙ୍କୁ ପୂର୍ବରୁ ପ୍ରେମ କରୁଥିବା ସୁରଜ ବିଶ୍ୱକର୍ମା ହିଁ ହତ୍ୟାକାଣ୍ଡର ମୁଖ୍ୟ ଖଳନାୟକ। ସେ ହିଁ ଅନ୍ୟମାନଙ୍କ ସହ ମିଶି ଏହି ଜଘନ୍ୟ କାଣ୍ଡ ଘଟାଇଥିବା ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଡିସିପିଙ୍କ ସୂଚନା ଅନୁଯାୟୀ, ତ୍ରିକୋଣୀୟ ପ୍ରେମକୁ ନେଇ ବରୁଣ ଓ ସୁରଜ ମଧ୍ୟରେ ବିବାଦ ରହି ଆସିଥିଲା। ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ବରୁଣ ତାଙ୍କ ସହଯୋଗୀମାନଙ୍କ ସହ ଶୈଳଶ୍ରୀବିହାରସ୍ଥିତ ମହିମା ଜୁସ୍ ସେଣ୍ଟରକୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ସୂରଜ ବିଶ୍ୱକର୍ମା ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ଥିଲେ। ପ୍ରଥମେ ଉଭୟ ପକ୍ଷ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ଏହା ପରେ ବରୁଣ ତାଙ୍କ ସହଯୋଗୀମାନଙ୍କ ସହ ସେଠାରୁ ଚାଲିଯାଇଥିଲେ। କିନ୍ତୁ କିଛି ସମୟ ପରେ ସେମାନେ ପୁନର୍ବାର ଘଟଣାସ୍ଥଳକୁ ଫେରି ଆସିବାରୁ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ବଚସା ହେବା ସହ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟିଥିଲା। ଏହା ପରେ ଅଭିଯୁକ୍ତ ସୁରଜ ଅନ୍ୟ ସହଯୋଗୀଙ୍କ ସହ ଥାର୍ ଏବଂ ଗୋଟିଏ ସ୍କୁଟିରେ ବରୁଣଙ୍କ ପିଛା କରିଥିଲା। ଚନ୍ଦ୍ରଶେଖରପୁର ଆଚାର୍ଯ୍ୟ ହରିହର କଲେଜ ଛକ ନିକଟରେ ବରୁଣଙ୍କ ବାଇକକୁ ଥାର୍ ଧକ୍କା ଦେଇଥିଲା। ଫଳରେ ବରୁଣଙ୍କ ମୃତ୍ୟୁ ଘଟିଛି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆହତମାନଙ୍କୁ ପଚରାଉଚରା ପରେ ଘଟଣା ପଛର ରହସ୍ୟ ପଦାକୁ ଆସିଥିଲା ବୋଲି ଡିସିପି କହିଛନ୍ତି। ଡିସିପି କହିଛନ୍ତି ଯେ, ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ପରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ କ୍ରିକେଟ ଷ୍ଟମ୍ପ୍ ନେଇ ସଂଘବଦ୍ଧ ଭାବେ ପିଟି ମାରିବା ଉଦ୍ୟମ କରିଥିଲେ। ଏହା ପରେ ଝଗଡ଼ା ହେବା ପରେ ଜାଣିଶୁଣି ଥାର୍ ଚଢ଼ାଇଥିଲେ। ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ମଧ୍ୟ ରହିଛନ୍ତି ବୋଲି ଡିସିପି କହିଛନ୍ତି।

ଜାତୀୟ ଚେତନା
JATIYA CHETANA





# ଶେଷ ଉପହାର

**ସିଦ୍ଧେଶ୍ୱର ତ୍ରିପାଠୀ**

ସେଦିନ ସକାଳର ସୂର୍ଯ୍ୟକିରଣରେ କୌଣସି ଚମକ ନଥିଲା, ବରଂ ଏକ ଅଜଣା ଉଦାସୀନତା ଭରି ରହିଥିଲା। ମଳୟ ଶେଯରୁ ଉଠି ମୁହଁ ହାତ ଧୋଇ ସାଇକେଲ୍‌ଟା ଧରି ବାହାରି ପଡ଼ିଲା। ସାଇକେଲ୍ ଚଲାଇବା ବେଳେ ତା' ମନେ ପଡ଼ିଯାଉଥିଲା ତା'ର ସେହି ପିଲାଦିନର କଥା।

ହଳଦୀବସନ୍ତ ମାଟିର ସେହି ଛୋଟିଆ ଗାଁ, ଯାହା ସହରର କୋଳାହଳ, ମୋଟରଗାଡ଼ିର କେଁକାଁ ଶବ୍ଦ ଏବଂ କଳକାରଖାନାର ଆବର୍ଜନାରୁ ବହୁ ଦୂରରେ ଥିଲା। ପାହାଡ଼ ଉପରୁ ସଦାସର୍ବଦା ବହି ଆସୁଥିବା ଝରଣାର ସ୍ୱଚ୍ଛ ଜଳ ପରି ପବିତ୍ର ଥିଲା ସେଠାକାର ପରିବେଶ। ସେହି ଗାଁରେ ମଳୟର ପରିବାର ରହୁଥିଲେ। ବାପା ଜଣେ ସାଧାରଣ ଚାଷୀ, ଯିଏ ଦିନରାତି ପରିଶ୍ରମ କରି ଦୁଇ ମାଣ ଜମିରେ ଧାନ ଓ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ମଳୟ ଭଲ ପାଠ ପଢ଼ି ଚାକିରି କରୁ, ମୋଟରଗାଡ଼ି ଚଢ଼ି ଗାଁକୁ ଆସୁ-ଏହା ହିଁ ଥିଲା ବାପାଙ୍କ ଜୀବନର ସବୁଠାରୁ ବଡ଼ ସ୍ୱପ୍ନ।

ପାଠ ପଢ଼ିବା ସମୟରେ ମଳୟ ପାଇଁ ପଡ଼ୋଶୀ ବୁଢ଼ିଆ ମଉସାଙ୍କ ଘରୁ କ୍ଷୀର ଆସୁଥିଲା। ହେଲେ କିଛି ଦିନ ପରେ ବୁଢ଼ିଆ ମଉସାଙ୍କ କ୍ଷୀରର ମାନ ଖରାପ ହେଲା, କେବଳ ପାଣି ମିଶା କ୍ଷୀର ମିଳିଲା। ଠିକ୍ ସେତିକି ବେଳେ ସାଇକେଲ୍‌ରେ କ୍ଷୀର ବିକିବାକୁ ଆସିଲେ ଜଣେ ନୂଆ କ୍ଷୀରବାଲା-ତପନ ଜେନା। ଗାଁର କିଛି ପିଲା ତାଙ୍କୁ ଦେଖି ଡରୁଥିଲେ, କାରଣ ସେ କୁଆଡ଼େ ଜେଲ୍‌ରୁ ଫେରିଥିବା ଜଣେ ଖୁନୀ ଆସାମୀ ଥିଲେ। ମଳୟ ମଧ୍ୟ ଏକଥା ଶୁଣିଥିଲା, ହେଲେ ତାଙ୍କର ସଦାହାସ୍ୟ ମୁହଁ ଓ ଭଦ୍ର ବ୍ୟବହାର ଦେଖି ତା' ମନରେ କେବେ ଡର ଆସି ନଥିଲା।

ସମୟ ଚକ୍ର ବୁଲି ଚାଲିଲା। ମଳୟ ଦଶମ ପାସ୍ କରି ସହରକୁ କଲେଜ ପଢ଼ିବାକୁ ଗଲା। ବେଳେବେଳେ ଗାଁକୁ ଆସିଲେ କ୍ଷୀରବାଲା ମଉସାଙ୍କ ସହ ଦେଖା ହୁଏ। ସେ ସେମିତି ହସି ମୁହଁରେ ପଚାରନ୍ତି, 'ଆଉ ବାବୁ, ପାଠପଢ଼ା କେମିତି ଚାଲିଛି ? ବାପା ତ ଆଉ କ୍ଷୀର ରଖୁନାହାନ୍ତି, ହେଲେ ତୁମେ ଯେତେଦିନ ଗାଁରେ ରହିବ, ମୁଁ କ୍ଷୀର ଦେଇଯିବି।' ଆଉ ସେହି ଦିନ କେଇଟାର ପଇସା ସେ କେବେ ନିଅନ୍ତି ନାହିଁ।

ଦିନେ ମଳୟର ଗୋଟିଏ ଚିଠି ଆସିଲା, ଯେଉଁଥିରେ ପରୀକ୍ଷା ଫିସ୍ ଏବଂ ହାତଖର୍ଚ୍ଚ ପାଇଁ ସାତ ହଜାର ଟଙ୍କାର ଆବଶ୍ୟକତା ଥିଲା। ବାପାଙ୍କ ପାଖରେ ମାତ୍ର ହଜାରେ ଟଙ୍କା ଥିଲା, ବାକି ଛଅ ହଜାର ଟଙ୍କା କେଉଁଠୁ ଆଣିବେ ସେହି ଚିନ୍ତାରେ ସେ କାନ୍ଦି ପକାଇଲେ। ଠିକ୍ ସେହି ସମୟରେ ଦେବଦୂତ ପରି ପହଞ୍ଚିଗଲେ କ୍ଷୀରବାଲା ମଉସା। ସେ ସବୁ ଶୁଣି ଗାମୁଛା କାନିରେ ବାପାଙ୍କ ଲୁହ ପୋଛିଦେଇ କହିଲେ, 'ମୋର ଜଣେ ବାବୁ ଚିହ୍ନଟ ଅଛନ୍ତି, ସେ ନିଶ୍ଚୟ ଟଙ୍କା ଦେବେ।' ସତକୁ ସତ ପରଦିନ ସେ ସାତ ହଜାର ଟଙ୍କା ଆଣି ଦେଲେ।

ସେହି ଟଙ୍କା ବଳରେ ମଳୟ ନିଜର ପାଠପଢ଼ା ସମ୍ପୂର୍ଣ୍ଣ କଲା। ସେ ସହରରେ ପିଲାଙ୍କୁ ଟିଉସନ୍ କଲା, ତାକୁ ବୃତ୍ତି ମଧ୍ୟ ମିଳିଲା। ଶେଷରେ ତା'ର ପରିଶ୍ରମ ସଫଳ ହେଲା, ସେ ଭଲ ନମ୍ବର ରଖି ବି.ଏ. ପାସ୍ କଲା ଏବଂ ତହସିଲ୍ ଅଫିସ୍‌ରେ ଏକ ଭଲ ସରକାରୀ ଚାକିରି ପାଇଲା।

ଦୁଇ ମାସର ଦରମା ଏବଂ ଟିଉସନ୍ ପଇସା ସଞ୍ଚୟ କରି ମଳୟ ଗାଁକୁ ଫେରିଥିଲା-ସମସ୍ତଙ୍କ ଋଣ ସୁଝିବା ପାଇଁ। ସାଙ୍ଗରେ ଆଣିଥିଲା ମିଠା, ବାପାଙ୍କ ପାଇଁ ନୂଆ ଜାମା, ବୋଉ ପାଇଁ ଲୁଗା, ଭଉଣୀ ପାଇଁ ଡ୍ରେସ୍, ଆଉ କ୍ଷୀରବାଲା ମଉସାଙ୍କ ପାଇଁ ଏକ ସୁନ୍ଦର ପାଇଜାମା ଓ କିଛି ସେଓ ଫଳ। ଗାଁରେ ପହଞ୍ଚି ସେ ବାପାଙ୍କୁ କହିଲା, 'ବାପା, କାଲି କ୍ଷୀରବାଲା ମଉସା ଆସିଲେ ତାଙ୍କର ସାତ ହଜାର ଟଙ୍କା ସୁଝିଦେବା, ଆଉ ଏହି ପୋଷାକ ଓ ଫଳ ବି ଦେବା।'

ହେଲେ ବାପା ଉଦାସ ହୋଇ କହିଲେ, 'ସେ ତ ଆଉ ମାସେ ହେବ ଆସୁନାହାନ୍ତି।'

ମଳୟ ଜାଣିଥିଲା ଯେ କ୍ଷୀରବାଲା ମଉସା ଗାଁଠାରୁ ସାତ କିଲୋମିଟର ଦୂର ମଧୁପୁର ଗାଁର 'ମୁକ୍ତାକାଶ କାରାଗାର'ରେ ରହୁଛନ୍ତି। ତେଣୁ ସେ ସକାଳୁ ସାଇକେଲ୍ ଧରି ସେଠାକୁ ବାହାରି ପଡ଼ିଲା। କାରାଗାରରେ ପହଞ୍ଚି ସେ ସେଠାକାର ଅଫିସରଙ୍କୁ କ୍ଷୀରବାଲାଙ୍କ ବିଷୟରେ ପଚାରିଲା।

ଅଫିସର ଜଣକ ମଳୟକୁ ଭିତରକୁ ଆଦରର ସହ ଡାକିନେଲେ ଏବଂ ଜେଲ୍ ପରିସରରେ ଥିବା ସୁନ୍ଦର ବଗିଚା ଓ ଗୋଶାଳା ଦେଖାଇ କହିଲେ, 'ତୁମେ ଯେଉଁ କ୍ଷୀରବାଲାଙ୍କୁ ଖୋଜୁଛ, ତାଙ୍କ ନାଁ ତପନ ଜେନା। ଏହି ଗଛଗୁଡ଼ିକ ଏବଂ ଗୋଶାଳାର ଗାଈମାନଙ୍କର ଯତ୍ନ ସେ ହିଁ ନେଉଥିଲେ। ତୁମେ ପିଲାଦିନୁ ଯେଉଁ କ୍ଷୀର ପିଇଛ, ସେ ଏହି ଗାଈମାନଙ୍କର ହିଁ ଥିଲା।'

ମଳୟ ବ୍ୟାକୁଳ ହୋଇ ପଚାରିଲା, 'ମଉସା କାହାନ୍ତି ? ମୁଁ ତାଙ୍କୁ ଟିକେ ଦେଖିବାକୁ ଚାହେଁ।'

ଅଫିସରଙ୍କ ଆଖି ଓଦା ହୋଇଗଲା। ସେ ଏକ ଦୀର୍ଘଶ୍ୱାସ ଛାଡ଼ି କହିଲେ, 'ତପନ ଜେନା ଜଣେ ଅପରାଧୀ ନଥିଲେ ମଳୟ, ସେ ଥିଲେ ଜଣେ ଅଭାଗା ପିତା। ଦିନେ ଏକ ଅନ୍ଧାରୀ ରାତିରେ ଗାଁର ଜଣେ ପ୍ରଭାବଶାଳୀ ଲୋକର ପୁଅ ବାବୁଲା, ତାଙ୍କର ୧୨ ବର୍ଷର ନିଷ୍ପାପ ଝିଅକୁ ଜଙ୍ଗଲୀ ରାସ୍ତାରେ ଦୁଷ୍କର୍ମ କରି ତଣ୍ଟି ଚିପି ହତ୍ୟା କରିଦେଇଥିଲା। ପୋଲିସ ବାବୁଲାକୁ ଗିରଫ କଲା ସତ, ହେଲେ କିଛି ଦିନ ପରେ ସେ ଜାମିନରେ ଆସି ଗାଁରେ ଆରାମରେ ବୁଲିଲା। ନିଜ ଆଖି ଆଗରେ ସେହି ପଶୁକୁ ମୁକ୍ତ ବୁଲୁଥିବାର ଦେଖି ତପନ ନିଜକୁ ସମ୍ଭାଳି ପାରିଲେ ନାହିଁ। ସେ ଦିନେ ଟାଙ୍ଗିଆ ଚୋଟରେ ବାବୁଲାର ମୁଣ୍ଡ ଗଣ୍ଡି ଅଲଗା କରିଦେଲେ। ସେହିଦିନଠାରୁ ସେ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ତାଙ୍କ ସ୍ତ୍ରୀ ମଧ୍ୟ ପାଗଳୀ ହୋଇ କୁଆଡ଼େ ଚାଲିଗଲେ, ସଂସାର ଛାରଖାର ହୋଇଗଲା।'

ଏତିକି ଶୁଣି ମଳୟର ଆଖିରୁ ଲୁହ ଝରିପଡ଼ିଲା। ସେ କହିଲା, 'ମଉସାଙ୍କୁ ଟିକେ ଡାକନ୍ତୁ, ମୁଁ ତାଙ୍କ ଟଙ୍କା ଫେରସ୍ତ କରିବି।'

ଅଫିସର୍ ଜଣକ ମଳୟ କାନ୍ଧରେ ହାତ ରଖି କହିଲେ, 'ସେ ଟଙ୍କା ତପନ କାହାଠାରୁ ଆଣି ନଥିଲେ, ସେ ତାଙ୍କ ଜୀବନ ସାରାର ସଞ୍ଚିତ ସରକାରୀ ପାରିଶ୍ରମିକ ଥିଲା, ଯାହାକୁ ସେ ମୋ ଜରିଆରେ ତୁମ ପାଖକୁ ପଠାଇଥିଲେ। ସେ ତୁମ ଭିତରେ ନିଜର ସେହି ମରିଯାଇଥିବା ସନ୍ତାନର ଭବିଷ୍ୟତ ଦେଖୁଥିଲେ। କିନ୍ତୁ ମଳୟ... ଗତ ମାସରୁ ସେ ଅସୁସ୍ଥ ହୋଇ ପଡ଼ିଥିଲେ ଏବଂ ଗତ ୧୫ ଦିନ ତଳେ ସେ ଆରପାରିକୁ ଚାଲିଗଲେ। ସେ ମରିବା ପୂର୍ବରୁ କହିଥିଲେ, 'ସେହି ଟଙ୍କା ମୋ ପୁଅକୁ ମୋର ଶେଷ ଉପହାର ବୋଲି କହିଦେବେ'।

ମଳୟ ସ୍ତବ୍ଧ ହୋଇଗଲା। ଅଫିସରଙ୍କୁ ନମସ୍କାର କରି ସେ ଯେତେବେଳେ ଜେଲ୍ ଗେଟ୍‌ରୁ ବାହାରକୁ ଆସିଲା, ତା' ସାଇକେଲ୍ ହ୍ୟାଣ୍ଡେଲ୍‌ରେ ଝୁଲୁଥିଲା ସେହି ବ୍ୟାଗ୍-ଯେଉଁଥିରେ ଥିଲା ସାତ ହଜାର ଟଙ୍କା, ପାଇଜାମା ଏବଂ ସେଓ ଫଳ।

ତା' ସାଇକେଲ୍ ଗାଁ ଅଭିମୁଖେ ଆଗକୁ ମାଡ଼ି ଚାଲିଥିଲା, କିନ୍ତୁ ସାଇକେଲ୍‌ର ଗତିଠାରୁ ବହୁତ ତେଜ୍ ଥିଲା ତା' ଆଖିରୁ ବହିଯାଉଥିବା ଲୁହର ଧାରା, ଯାହା ଜଣେ ମହତ ପିତୃତୁଲ୍ୟ ମଣିଷର ଅମର ଆତ୍ମା ପ୍ରତି ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଥିଲା।

*- କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା*

## ପ୍ରେମରେ ସତ

ପ୍ରେମ ଆସେ ଶରୀରକୁ ଦୁଇଟି ରୂପରେ
ବିବାହ ପୂର୍ବରୁ ପ୍ରେମିକା-ପ୍ରେମିକ ସାଥୀରେ
ପ୍ରେମର ପରିଭାଷା ପରୀକ୍ଷା କରିବାକୁ
ଫସିଯାନ୍ତି ପ୍ରେମୀଯୁଗଳ ପ୍ରତାରଣା ହୁଏ
ଅମାବାସ୍ୟାର ଅଦେଖା ଅନ୍ଧକାର ପରି
ଛାଡ଼ି କିଛି ସ୍ମୃତି ବିଚ୍ଛେଦ ରୂପରେ
ଦଂଶିଦେଇ କାହାର ବା ହୃଦୟରେ ।
ଏହି ପ୍ରେମ ନଦୀର ଜୁଆର ପରି
ପୁଣି ଚାଲିଯାଏ ଶୀଘ୍ର ଭଟ୍ଟା ପରି
ପ୍ରତୀତ ନହୁଏ ଏତ ସମୟର ଖେଳ
ପ୍ରେମର ସନ୍ତକ ସବୁ ଚିଠି ଅବା ଫଟୋ
ଜଳିଯାଏ ଚୂଲିର ଜାଳରେ, ଅବା ପାଣିରେ
ଖାଲି ଭାଳିବା ସାର ହୁଏ ମନ, ଶରୀର,
ଅର୍ଥ ସାରିଦେଇ, ହଜାଇ ଅନେକ କିଛି।
ଆଉ ଏକ ପ୍ରେମ ହୁଏ, ପ୍ରିୟା ଓ ପ୍ରିୟ
ରୂପରେ
ସମୁଦ୍ରର ଢେଉ ସମ ଆସେ ଯାଏ
କେତେ ପରୀକ୍ଷା ନିରୀକ୍ଷାର ଘଟେ ଅନ୍ତ
ଏହି ପ୍ରେମ ସଫଳ ବା ବିଫଳ ରୂପରେ
ଜଳିଯାଏ ପ୍ରେମର ଦେହ ଶ୍ମଶାନରେ ॥
ଏବେତ ମୋବାଇଲ ସୁନେଲି ପ୍ରେମର
ଆଇନା
ଅବା ଯୌନ ରାକ୍ଷସଙ୍କ ନିର୍ଯ୍ୟାତନାର ପ୍ରମାଣ
ଡିଲିଟ୍‌ରେ ସରିଯାଏ ପ୍ରେମ
ରୁହେ ଖାଲି ଯନ୍ତଟି ଛାଡ଼ି ସବୁ ପ୍ରେମର
ସ୍ପନ୍ଦନ ।
ସତର୍କ ରୁହ ଏ ଶକ୍ତି ଉପଯୋଗରେ
ନହେଲେ ଫଳ ହୋଇପାରେ ମୃତ୍ୟୁର
ଯନ୍ତ୍ରଣା
ଅବା ଯାତନା ସଂସାର ନଈର ସୁଅରେ।

**କମଳାକାନ୍ତ ଦାଶ**
ବାଲେଶ୍ୱର

## ମୋତେ ତୁମେ ଗଢ଼ିଦିଅ

ପୁରିଅଛ ତୁମେ ସକଳ ଘଟରେ
ଏହା ଯଦି ଅଟେ ସତ
ତୁମେ ଅଛ ବୋଲି ଆମରି ଭିତରେ
ବଞ୍ଚିଛୁ ନିରାଟ ସତ୍ୟ।
ଜୀବନ ଦେଇଛ, କର୍ମ ବି ଦେଇଛ
ତୁମ ପାଇଁ କରିବାକୁ
ଏ ଜୀବନ ଯଦି ତୁମରି ପାଇଁକି
ସମର୍ପିତ ହୋଇବାକୁ।
ଏଇ ଜଗତର ରୂପ ଦେଖିବାକୁ
ତୁମ ଦୃଷ୍ଟି ମୋତେ ଦିଅ
ତୁମ କଥା ସବୁ ଶୁଣିବା ପାଇଁକି
କର୍ଣ୍ଣଟିଏ ମତେ ଦିଅ।
ଯେଉଁ ହାତ ତୁମ କରମ କରିବ
ସେଇ ହାତ ମତେ ଦିଅ
ଯେଉଁ ପାଦ ଚାଲି ଯିବ ତୋ ପାଖକୁ
ସେଇ ପାଦ ମୋତେ ଦିଅ।
ସୁମଧୁର ବାଣୀ କହିବା ପାଇଁକି
ସେଇ ମୁଖ ମୋତେ ଦିଅ
ତୁମକୁ ସାଇତି ରଖିବା ପାଇଁକି
ହୃଦୟଟିଏ ମା' ଦିଅ।
ତୁମରି ଚିନ୍ତନ କରିବା ପାଇଁକି
ମସ୍ତିଷ୍କ ସଜାଡ଼ିଦିଅ
ସମସ୍ତଙ୍କୁ ଭଲ ପାଇବା ପାଇଁକି
ମୋତେ ତୁମେ ଗଢ଼ିଦିଅ।
ମା' ମୋତେ ତୁମେ ଗଢ଼ିଦିଅ

**ରମାକାନ୍ତ ନନ୍ଦ**
ଗୋପବନ୍ଧୁ ନଗର, ବାଲୁଗାଁ

## ନାରୀ

କୌଣସି ଆବଶ୍ୟକ ନାହିଁ,
ପାଳିବା ଏ ମାତୃ ଦିବସ
ଆଉ ଭଗିନୀ ଦିବସ।
ପାରିବ ତ ରୋକି ଦେଖାଅ,
ପାରିବ ତ ମୁହଁ ଖୋଲି ପ୍ରତିବାଦ କର,
ଗୋଟିଏ ଧର୍ଷଣର,
ବାସ୍!!!
ବଞ୍ଚିଯାଉ ନାରୀଟିଏ
ଧର୍ଷିତାର ଅପବାଦ ନ ପାଇ।
ଖୁବ୍ ଅନ୍ଧାରରେ
ନିଛାଟିଆ ରାସ୍ତାରେ
ଦମ୍ଭରେ ଚଲାଇଦିଅ ଗୋଟିଏ ନାରୀକୁ,
ବାସ୍!!!
ବଞ୍ଚିଯାଉ ସେ କଞ୍ଚାମାଂସଖିଆ
ମଣିଷ କବଳରୁ।
ଆତ୍ମୀୟ ପୁରୁଷଟିଏ ହେଉ ପଛେ ,
ହେଉ ଭାଇ ହେଉ ବାପା
ହେଉ ପୁଅ ସେ
ଗାଲରେ ମାରି ଠୋ କରି ଚପୁଡ଼ାଏ,
ଶିଖେଇ ଦିଅ ନାରୀର
ମହତ୍ୱ ନାରୀର ମହାନତା।
ବାସ୍ ଏତିକି,
ଏତିକିରେ ହିଁ
ମା'ପାଇଯିବ
ମାତୃତ୍ୱ ଦିବସର ଉଚିତ୍ ମୂଲ ,
ସନ୍ତାନ ଜନ୍ମର ଗର୍ଭ ଯନ୍ତ୍ରଣାର
ହୋଇଯିବ ବୋଧହୁଏ
ବରାବର ହିସାବ।
କ'ଣ ?
ଏ ସବୁ ପାରିବ ତ ?
ପାରୁଛ ଯଦି ଉତ୍ତର ଦିଅ।

**ମନୀଷା ପଣ୍ଡା**
ଅଙ୍କରାନ୍ତିପୁର, ଢେଙ୍କାନାଳ

## ପ୍ରତୀକ୍ଷା

ନିଦୁଆ ଝର୍କା ଫାଙ୍କରେ
ଜୁଡୁବୁଡୁ ସ୍ୱପ୍ନ ଓ ଆଖି
ପ୍ରତୀକ୍ଷା ମୋ ଖୋଲା
ଦେହ ସାରା।
କିଛି ଲୋଡ଼ା ପଣରେ
ରାତିକୁ ଆଡ଼େଇ ନେଇ
ସ୍ମୃତି ସାଉଁଟିବାର ବେଳ
ହାତ ପାହାନ୍ତରୁ
କେବେ ଦୂରେଇ ଗଲେ ତୁମେ
ମନ କାନ୍ଦେ ହୃଦୟ
ଚିତ୍କାର ଦିଏ
ଆଖି ବି ଝରେ।
ଜୀବନଠୁ ବେଶୀ
ଆପଣାର ଲାଗ
ମୋ ଚିରଦିନ
ଜୀବନ ସାଥି
ତୁମ ମୋ ପାଇଁ ତ
ସଜେଇ ରଖିଛି
ଥାକ ଭର୍ତ୍ତି ରାତିର
ଅସରନ୍ତି ପ୍ରେମ।

**କିରଣ ମନୀଷା ମହାନ୍ତି**
ରେଞ୍ଚ, ପୁରୀ

ଜାତୀୟ ଚେତନା
JATIYA CHETANA



# ଆର୍‌ସିବି ଦ୍ୱିତୀୟ ଥର ଚାମ୍ପିଅନ୍

ଅହମ୍ମଦାବାଦ,(ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍ ୨୦୨୬ ଟାଇଟଲ୍ ଜିତି ଇତିହାସ ରଚିଛି। ଆର୍‌ସିବି ଫାଇନାଲ୍‌ରେ ୧୨ ବଲ୍ ପୂର୍ବରୁ ଗୁଜରାଟ ଟାଇଟନ୍ସକୁ ୫ ୱିକେଟ୍‌ରେ ହରାଇ ଦେଇଛି। ଏହା ଆର୍‌ସିବିର ଲଗାତାର ଦ୍ୱିତୀୟ ଆପିଏଲ୍ ଟ୍ରଫି। ଏହି ବିଜୟ ସହିତ ଟିମ୍ ମୁମ୍ବାଇ ଇଣ୍ଡିଆନ୍ସ (୨୦୧୯, ୨୦୨୦) ଏବଂ ଚେନ୍ନାଇ ସୁପର୍ କିଙ୍ଗ୍‌ସ (୨୦୧୦, ୨୦୧୧)ର କ୍ଲବ୍‌ରେ ସାମିଲ ହୋଇଛି। ସୂଚନାଯୋଗ୍ୟ, ୨୦୨୫ରେ ଆର୍‌ସିବି ପ୍ରଥମ ଥର ଆଇପିଏଲ୍ ଟାଇଟଲ୍ ଜିତିଥିଲା।



ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଆର୍‌ସିବି ଫାଷ୍ଟ୍ ବୋଲର୍‌ମାନେ କମାଲ ପ୍ରଦର୍ଶନ କରିଥିଲେ। ବିଶେଷ କରି ରସିଖ୍ ସଲାମ୍ ଡାର୍, ଯିଏ ୩ଟି ୱିକେଟ୍ ନେଇଥିଲେ। ଏହାପରେ ଚେଜ୍ ମାଷ୍ଟର୍ ବିରାଟ କୋହଲି ୪୨ ବଲ୍‌ରେ ଚମତ୍କାର ୭୫ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। କୋହଲି ଛକା ମାରି ଟିମ୍‌କୁ ଟାଇଟଲ୍ ଦେଇଥିଲେ।

୧୫୬ ରନ୍‌ର ଲକ୍ଷ୍ୟ ପିଛା କରୁଥିବା ଆର୍‌ସିବି ପକ୍ଷରୁ ଭେଙ୍କଟେଶ ଆୟର୍ ଓ ବିରାଟ କୋହଲି ୨୭ ବଲ୍‌ରେ ୬୨ ରନ୍‌ର ଓପ୍ନିଂ ପାର୍ଟନଶିପ୍ କରିଥିଲେ। ତେବେ ୧୬ ବଲ୍‌ରେ ୩୨ ରନ୍ କରିବା ପରେ ଆୟର୍ ମହମ୍ମଦ ସିରାଜ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ଦେବଦତ୍ତ ପାଡିକ୍କଲ୍ ମାତ୍ର ୧ ରନ୍‌ରେ ବିଦାୟ ନେଇଥିଲେ। ପାଡିକ୍କଲ୍‌ଙ୍କ ଆଉଟ୍ ବେଳକୁ ଟିମ୍‌କୁ ସ୍କୋର୍ ୮୯ ରନ୍ ହୋଇଥିଲା। ନବମ ଓଭର୍‌ରେ କ୍ୟାପ୍ଟେନ୍ ରଜତ ପାଟିଦାର (୧୫) ଓ କୃଣାଲ ପାଣ୍ଡ୍ୟା (୧)ଙ୍କୁ ଆଉଟ୍ କରି ରଶିଦ୍ ଖାନ୍ ମ୍ୟାଚ୍‌କୁ ରୋମାଞ୍ଚକର କରିଥିଲେ। ତେବେ ବିରାଟ କୋହଲି ଗୋଟିଏ ପଟେ ତିଷ୍ଠି ରହି ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଆଇପିଏଲ୍‌ରେ ତାଙ୍କର ଦ୍ରୁତତମ ଅର୍ଦ୍ଧଶତକ। ଆର୍‌ସିବି ବିଜୟ ନିକଟବର୍ତ୍ତୀ ହୋଇଥିବା ବେଳେ ଟିମ୍ ଡେଭିଡ୍ ୧୭ ବଲ୍‌ରେ ୨୪ ରନ୍ କରି ଅର୍ଶଦ୍ ଖାନ୍‌ଙ୍କ ଶିକାର ହୋଇଥିଲେ। ଏହାପରେ ଅର୍ଶଦ୍ ଖାନ୍‌ଙ୍କୁ ଛକା ମାରି କୋହଲି ଆର୍‌ସିବି ଦ୍ୱିତୀୟ ଥର ଆଇପିଏଲ୍ ଟ୍ରଫି ଜିତାଇଥିଲେ। କୋହଲି ୪୨ ବଲ୍‌ରେ ୯ ଚୌକା ଓ ୩ ଛକା ସହାୟତାରେ ୭୫ ରନ୍ କରି ଜିତେଶ ଶର୍ମା (୧୧)ଙ୍କ ସହିତ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ରଶିଦ୍ ଖାନ୍ ଦୁଇଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ୍, କାଗିସୋ ରବାଡା ଏବଂ ଅର୍ଶନ୍ ଖାନ୍‌ଙ୍କୁ ୧-୧ ୱିକେଟ୍ ମିଳିଥିଲା।

## ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ଈଶା ସିଂହ

ମ୍ୟୁନିକ୍: ଭାରତୀୟ ଯୁବ ଶୁଟର୍ ଈଶା ସିଂହ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ୨୦୨୬ର ମହିଳା ୨୫ ମିଟର ପିସ୍ତଲ୍ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତି ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ୨୧ ବର୍ଷୀୟା ଈଶା ଫାଇନାଲ୍‌ରେ ୫୦ରୁ ୪୩ ସଠିକ୍ ଟାର୍ଗେଟ୍ ହାସଲ କରି ସିନିୟର୍ ଏବଂ ଜୁନିୟର୍ ବର୍ଗର ନୂଆ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ଈଶା ଦୁଇବର୍ଷ ତଳେ ବାକୁରେ କୋରିଆର କିମ୍ ୟେ-ଜି'ଙ୍କ ଦ୍ୱାରା ସ୍ଥାପିତ ୪୨ ପଏଣ୍ଟ୍‌ର ସିନିୟର୍ ବିଶ୍ୱ ରେକର୍ଡ ଭଙ୍ଗ କରି ନୂଆ ରେକର୍ଡ କାଏମ କରିଛନ୍ତି। ଏହା ସହିତ ହିଁ ସେ ୟାଙ୍ଗ୍ ଜିନ୍‌ଙ୍କ ୪୧ ପଏଣ୍ଟ୍‌ର ଜୁନିୟର୍ ବିଶ୍ୱ ରେକର୍ଡକୁ ମଧ୍ୟ ପଛରେ ପକାଇଛନ୍ତି। ଏହି ପ୍ରଦର୍ଶନ ସହ ସେ କେବଳ ସ୍ୱର୍ଣ୍ଣ ପଦକ ଜିତିନାହାନ୍ତି, ବରଂ ରୋମ୍‌ରେ ଖେଳାଯିବାକୁ ଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ପାଇଁ ସିଧା ଯୋଗ୍ୟତା ଅର୍ଜନ କରିଛନ୍ତି। ଜର୍ମାନୀର ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଡୋରେନ୍ ଭେନେକ୍ୟାମ୍ପ୍ ୩୮ ସ୍କୋର୍ ସହିତ ରୌପ୍ୟ ଏବଂ ବୁଲ୍‌ଗେରିଆର ମିରୋସ୍ଲାଭ୍ ମିନ୍‌ଚେଭା ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଈଶା ପ୍ରିସିସନ୍ ରାଉଣ୍ଡ୍‌ରେ ୨୯୩ ଏବଂ ର୍ୟାପିଡ୍ ଫାୟାର୍‌ରେ ୨୯୪ ପଏଣ୍ଟ୍ (ମୋଟ ୫୮୭ ପଏଣ୍ଟ୍) ସହ କ୍ୱାଲିଫିକେସନ୍ ରାଉଣ୍ଡ୍‌ରେ ୫ମ ସ୍ଥାନରେ ରହି ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଭାରତର ମନୁ ଭାକର ଏବଂ ରାହୀ ସରନୋବତ ଯଥାକ୍ରମେ ୫୮୨ ଏବଂ ୫୮୧ ପଏଣ୍ଟ୍ ସହ ୧୨ଶ ଏବଂ ୧୪ଶ ସ୍ଥାନରେ ରହିଥିଲେ।




ମହିଳା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍ ଇଭେଣ୍ଟ୍‌ରେ ଆଶୀ ଚୌକସେ ୫୮୯ ପଏଣ୍ଟ୍ ସହ ୧୦ମ ସ୍ଥାନରେ ରହି ଗୋଟିଏ ପଏଣ୍ଟ୍ ପାଇଁ ଫାଇନାଲ୍ ଯୋଗ୍ୟତା ହରାଇଥିଲେ। ସ୍ୱିଜରଲାଣ୍ଡ୍‌ର ଏମିଲି ଜେଗୀ ୫୯୦ ପଏଣ୍ଟ୍ ସହ ଅଷ୍ଟମ ତଥା ଅନ୍ତିମ ଫାଇନାଲ୍ ସ୍ଥାନ ହାସଲ କରିଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ବିଦର୍ସ ବିନୋସ ୫୮୮ ପଏଣ୍ଟ୍ ସହ ୧୪ଶ ଏବଂ ତିଲୋତ୍ତମା ସେନ୍ ୫୮୩ ପଏଣ୍ଟ୍ ସହ ୪୮ତମ ସ୍ଥାନ ହାସଲ କରିଥିଲେ।

## ଏଲ୍‌ଏସ୍‌ଜି ନେତୃତ୍ୱ ଛାଡ଼ିଲେ ପନ୍ତ

ଲକ୍ଷ୍ନୌ: ଭାରତୀୟ ୱିକେଟ୍‌କିପର୍ ବ୍ୟାଟର୍ ଋଷଭ ପନ୍ତ୍ ଆଇପିଏଲ୍ ଫ୍ରାଞ୍ଚାଇଜି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (ଏଲ୍‌ଏସ୍‌ଜି)ର କ୍ୟାପ୍ଟେନ୍ ପଦ ଛାଡ଼ିଛନ୍ତି। ଫ୍ରାଞ୍ଚାଇଜି ଏକ ବୟାନ ଜାରିକରି କହିଛି, ପନ୍ତ୍ ସ୍ୱୟଂ ନେତୃତ୍ୱ ଛାଡ଼ିବାକୁ ଅନୁରୋଧ କରିଥିଲେ, ଯାହା ସ୍ୱୀକୃତ ହୋଇଛି। ଲକ୍ଷ୍ନୌ ଟିମ୍ ଚଳିତ ସିଜନ୍‌ରେ ୧୦ମ ତଥା ଅନ୍ତିମ ସ୍ଥାନରେ ରହିଥିଲା। ଗତ ସିଜନ୍‌ରେ ମଧ୍ୟ ଟିମ୍‌ର ପ୍ରଦର୍ଶନ ଭଲ ନଥିଲା ଏବଂ ଟିମ୍ ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ଉଭୟ ସିଜନ୍‌ରେ ପନ୍ତ୍‌ଙ୍କ ନେତୃତ୍ୱରେ ଲକ୍ଷ୍ନୌ ୨୮ ମ୍ୟାଚ୍ ଖେଳି କେବଳ ୧୦ଟିରେ ବିଜୟୀ ହୋଇପାରିଛି। ଲକ୍ଷ୍ନୌ ଡାଇରେକ୍ଟର ଅଫ୍ କ୍ରିକେଟ୍ ଟମ୍ ମୁଡି ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପନ୍ତ୍ ଏହି ଅନୁରୋଧ ସହିତ ଫ୍ରାଞ୍ଚାଇଜି ସହିତ ଯୋଗାଯୋଗ କରିଥିଲେ ଏବଂ ଆମେ ସମ୍ମାନପୂର୍ବକୁ ଏହାକୁ ସ୍ୱୀକାର କରିନେଇଛି। ଖେଳରେ ଏ ପ୍ରକାର ନିଷ୍ପତ୍ତି କେବେ ବି ସହଜ ହୋଇନଥାଏ। ମୁଡି କହିଛନ୍ତି, ପନ୍ତ୍ କ୍ୟାପ୍ଟେନ୍ ଭାବେ ଡ୍ରେସିଂ ରୁମ୍‌କୁ ଯାହା ବି କିଛି ଦେଇଛନ୍ତି, ସେଥିପାଇଁ ଆମେ ତାଙ୍କ ପ୍ରତି କୃତଜ୍ଞ। ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ ପରେ ଲକ୍ଷ୍ନୌ ପନ୍ତ୍‌ଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା, ଯାହା ଆଇପିଏଲ୍ ଇତିହାସରେ ସର୍ବାଧିକ। ଏହି କାରଣରୁ ତାଙ୍କ ପ୍ରଦର୍ଶନ ଉପରେ ନଜର ରଖାଯାଉଥିଲା। ଏହା ମଧ୍ୟରେ ସେ ରନ୍ ସଂଗ୍ରହ ପାଇଁ ସଂଘର୍ଷ କରୁଥିଲେ। ଚଳିତ ସିଜନ୍‌ରେ ସେ ମାତ୍ର ୩୧୨ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ପନ୍ତଡ଼ ଆଇପିଏଲ୍ ୨୦୧୮ରେ ୧୭୩.୬୦ ଷ୍ଟ୍ରାଇକ୍ ରେଟ୍‌ରେ ୬୮୪ ରନ୍ କରିଥିଲେ। ଏହାପରେ ୨୦୧୯ରେ ତାଙ୍କ ବ୍ୟାଟ୍‌ରୁ ୧୬୨.୬୬ ଷ୍ଟ୍ରାଇକ୍ ରେଟ୍‌ରେ ୪୮୮ ରନ୍ ବାହାରିଥିଲା। ତେବେ ଗତ ଦୁଇଟି ସିଜନ୍‌ରେ ସେ ଲକ୍ଷ୍ନୌ ପାଇଁ ୧୩୫.୭୪ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୫୮୧ ରନ୍ କରିଛନ୍ତି, ଯାହା ତାଙ୍କ କ୍ୟାରିୟର୍ ଷ୍ଟ୍ରାଇକ୍ ରେଟ୍ (୧୪୪.୧୮) ଠାରୁ ମଧ୍ୟ କମ୍।

### ଏସିଆନ୍ ଅଣ୍ଡର-୨୦ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍

## ହାଇଜମ୍ପ୍‌ରେ ସିନିୟର ଜାତୀୟ ରେକର୍ଡ ଭାଙ୍ଗିଲେ ପୂଜା

ହଂକଂ: ଭାରତୀୟ ହାଇ-ଜମ୍ପର୍ ପୂଜା ସିଂହ ଏଠାରେ ଚାଲିଥିବା ଏସିଆନ୍ ଅଣ୍ଡର-୨୦ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଶୁକ୍ରବାର ଦ୍ୱିତୀୟ ଦିନ ସ୍ୱର୍ଣ୍ଣ ପଦକ ଜିତିବା ସହିତ ସିନିୟର୍ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ୧୯ ବର୍ଷୀୟା ପୂଜା କ୍ୟାରିୟର୍ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୧.୯୩ ମିଟରର ଲମ୍ଫ ପ୍ରଦାନ କରିଛନ୍ତି। ଏହି ପ୍ରଦର୍ଶନ ସହ ସେ ସହାନା କୁମାରଙ୍କ ୧୪ ବର୍ଷ ପୁରୁଣା ୧.୦୨ ମିଟରର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏହା ପୂର୍ବରୁ ତାଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ ୧.୯୦ ମିଟର ଥିଲା। ଚଳିତ ବର୍ଷ ଏପ୍ରିଲ୍‌ରେ ଦିଲ୍ଲୀରେ ଆୟୋଜିତ ଇଣ୍ଡିଆନ୍ ଆଥ୍‌ଲେଟିକ୍ସ ସିରିଜ୍ ମିଟ୍‌ରେ ସେ ଏହା ହାସଲ କରିଥିଲେ। ବର୍ତ୍ତମାନର ଏସୀୟ ଚାମ୍ପିଅନ୍ ପୂଜା ଗତବର୍ଷ ଦକ୍ଷିଣ କୋରିଆରେ ମହିଳା ଲଙ୍ଗ୍ ଜଙ୍ଗ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ସହିତ ସେ ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ନିର୍ଦ୍ଧାରିତ ୧.୯୨ ମିଟରର ଯୋଗ୍ୟତା ମାନକ ମଧ୍ୟ ହାସଲ କରିଛନ୍ତି। ଭାରତ ଚାମ୍ପିଅନ୍‌ଶିପ୍‌ରେ ବର୍ତ୍ତମାନ ସୁଦ୍ଧା ଚାରି ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଏବଂ ଦୁଇ ବ୍ରୋଞ୍ଜ୍ ପଦକ ଜିତିସାରିଛି।

ସେହିପରି ନିତିନ୍ ଗୁପ୍ତା ପୁରୁଷ ୫୦୦୦ ମିଟର ରେସ୍ ୱାକ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅମାନତ କମ୍ବୋଜ୍ ମହିଳା ଡିସ୍କସ୍ ଥ୍ରୋ'ରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ରାହୁଲ ଜାଖଡ଼ ପୁରୁଷ ଡେକାଥଲନ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସାଧନା ଦେବୀ ମହିଳା ଟ୍ରିପଲ୍ ଜମ୍ପରେ ଏବଂ ଉପକାର ପୁରୁଷ ଡେକାଥନ୍‌ରେ ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ନୀରୁ ପାଠକ ମହିଳା ୪୦୦ ମିଟରରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଭାରତୀୟ ଆଥଲେଟ୍‌ମାନଙ୍କର ଏଭଳି ଚମତ୍କାର ପ୍ରଦର୍ଶନ ଏସୀୟ ସ୍ତରରେ ଦେଶର ଦବ୍‌ଦବାକୁ ଆହୁରି ମଜବୁତ କରିଛି। ବିଶେଷ କରି ମହିଳା ଆଥଲେଟ୍‌ମାନଙ୍କର ସଫଳତା ଆଗାମୀ ପିଢ଼ିର କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଏକ ବଡ଼ ପ୍ରେରଣା ସାଜିବ। ପୂଜା ସିଂହଙ୍କ ଏହି ରେକର୍ଡ ଭଙ୍ଗ ପ୍ରଦର୍ଶନ ପରେ କ୍ରୀଡ଼ା ମହଲରେ ଉତ୍ସାହର ଲହରୀ ଖେଳିଯାଇଛି। ଅନେକ ବରିଷ୍ଠ କ୍ରୀଡ଼ାବିତ୍ ଓ କୋଚ୍ ପୂଜାଙ୍କର ଏହି ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସେ ଯୋଗ୍ୟତା ଅର୍ଜନ କରିଥିବାରୁ ପଦକ ଆଶା ଦ୍ୱିଗୁଣିତ ହୋଇଛି। ପୂଜାଙ୍କ କଠିନ ପରିଶ୍ରମ ଓ ସାଧନା ଆଜି ତାଙ୍କୁ ଏହି ଗୌରବମୟ ସ୍ଥାନରେ ପହଞ୍ଚାଇ ପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହିତ ଭାରତୀୟ ଆଥଲେଟିକ୍ସ ମହାସଂଘ ପକ୍ଷରୁ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ସ୍ଥିର ଘୂର୍ଣ୍ଣନର ଇନ୍ଦ୍ର



ଦେଖ! ଏ ପ୍ରଚକ୍ର ଘୂର୍ଣ୍ଣନ ମହକ
ବଳଦେଲେ ଘୁରୁଥାଇ,
ବହୁତ ସମୟ ଘୁରୁଥାଏ ସିଏ
ପ୍ରଥମ ବଳକୁ ପାଇ ॥ ୧ ॥
ତେଣୁ ବଡ଼ ବଡ଼ କାର୍ଯ୍ୟମାନ ପାଇଁ
ଲୋଡ଼ା ହୁଅନ୍ତି ପ୍ରଚକ୍ର,
ପ୍ରଚକ୍ର ନ ଥିଲେ ଯନ୍ତ୍ରଟି ଅଚଳ
ବିଫଳ ଶକ୍ତି ଧାରକ ॥ ୨ ॥
ଆନତ ପ୍ରଚକ୍ର ଘୂରିବ ନିୟତ
ଘୂରା ବଳ ଯଦି ପାଏ,
କେନ୍ଦ୍ର ଅଭିସାରୀ କେନ୍ଦ୍ର ଅପସାରୀ
ସମାନ ବଳଟି ଥାଏ ॥ ୩ ॥
ବଳ ନ ପାଇଲେ ଘର୍ଷଣ ବାଧାରେ
ଗତି ହୋଇଯିବ ଧୀର,
ଖସୁଥିବାବେଳେ ବୁଲୁଥିବ ସିଏ
ଧୀରେ ଧୀରେ ହେବ ସ୍ଥିର ॥ ୪ ॥
ପରୀକ୍ଷା କରିଣ ଦେଖ ତୁମେ ଘରେ
ନେଇ ଏକ ପ୍ରଚକ୍ରକୁ,
ସନ୍ତୁଳନ ଆଉ ଅସନ୍ତୁଳନର
ଦୁଇ ଘୂରା ଅବସ୍ଥାକୁ ॥ ୫ ॥
ସ୍ଥିରତା ଘୂର୍ଣ୍ଣନେ ଭାର କେନ୍ଦ୍ର ତାର
ମଧ୍ୟ ଆକର୍ଷଣ କେନ୍ଦ୍ର,
ଥିବଟି କେନ୍ଦ୍ରକୁ ଘୂରା କେନ୍ଦ୍ରଠାରୁ
ସ୍ଥିର ଘୂର୍ଣ୍ଣନର ଇନ୍ଦ୍ର ॥ ୬ ॥
ପ୍ରଚକ୍ରର ଗତି ଯିବ କମି କମି
ଘୂରାର ପରିବର୍ତ୍ତନ,
ଦୋହଲି ଦୋହଲି ହୋଇଯିବ ସ୍ଥିର
କର ତାକୁ ନିରୀକ୍ଷଣ ॥ ୭ ॥
ଅସନ୍ତୁଳନର ପ୍ରଚକ୍ରକୁ ଦେଖ
ଦେଖ ତା'ର ଭାର କେନ୍ଦ୍ର,
ଅଛି ଉପରକୁ ଭାର କେନ୍ଦ୍ରଠାରୁ
ଅସ୍ଥିର ଘୂର୍ଣ୍ଣନ ଇନ୍ଦ୍ର ॥ ୮ ॥
ବଳ ନ ପାଇଲେ ଘୂରା କମିଯିବ
ନିୟତ ଘର୍ଷଣ ପାଇ
ଢଳି ଢଳି ସିଏ ଶେଷେ ଢଳିଯିବ
ଆନତେ ସ୍ଥିର ହୁଅଇ ॥ ୯ ॥
ଘୂରା ଶକ୍ତିଟିକୁ କରଇ ସଞ୍ଚୟ
ଅଟଇ ସେ ଓଜନିଆ
ଯେତେ ଓଜନିଆ ସେତେ ଯେ
ଘୂର୍ଣ୍ଣନ
ଆଘୂର୍ଣ୍ଣ ଜଡ଼ତା କିଆଁ ॥ ୧୦ ॥

**ଇଂ ପ୍ରମୋଦ କୁମାର ନନ୍ଦ**
ଭାରତୀୟ ଜାତୀୟ କଂଗ୍ରେସ, ଓଡ଼ିଶା
ମୋ - ୮୫୯୬୮୨୩୬୬୪

ଜାତୀୟ ଚେତନା
JATIYA CHETANA



# ବକ୍ସ ଅଫିସ୍‌ରେ ବଲିଉଡ୍‌ର ଜବରଦସ୍ତ ଟକ୍କର୍

## ସଫଳତା ଓ ବିଫଳତାର ରୋମାଞ୍ଚକର କାହାଣୀ




ବଲିଉଡ୍ ସିନେମା ଜଗତ ପାଇଁ ୨୦୨୬ ମସିହାର ପ୍ରଥମ ପାଞ୍ଚ ମାସ ବେଶ୍ ଉତ୍ସାହଜନକ ଏବଂ ରୋମାଞ୍ଚକର ପ୍ରତିଯୋଗିତାପୂର୍ଣ୍ଣ ରହିଛି । 'ଧୁରନ୍ଧର ୨' ଠାରୁ ଆରମ୍ଭ କରି 'ବର୍ଡର ୨' ଏବଂ 'ଚାନ୍ଦ୍ ମେରା ଦିଲ୍' ପର୍ଯ୍ୟନ୍ତ ଅନେକ ବଡ଼ ଚଳଚ୍ଚିତ୍ର ପ୍ରେକ୍ଷାଳୟକୁ ଆସିସାରିଛି । ଏହି ସମୟ ମଧ୍ୟରେ କେତେକ ଚଳଚ୍ଚିତ୍ର ବକ୍ସ ଅଫିସରେ ସର୍ବୋଚ୍ଚ ସଫଳତା ପାଇ ନୂଆ ରେକର୍ଡ ସୃଷ୍ଟି କରିଥିବା ବେଳେ ଅନ୍ୟ କେତେକ ଦୃଢ଼ ପ୍ରଚାର ପ୍ରସାର ଏବଂ ନାମୀଦାମୀ କଳାକାର ଥିବା ସତ୍ତ୍ୱେ ମଧ୍ୟ ଦର୍ଶକଙ୍କ ମନ ଜିଣିବାରେ ବିଫଳ ହୋଇଛନ୍ତି । ଚଳିତ ବର୍ଷ ବଲିଉଡର ବକ୍ସ ଅଫିସ ଦୌଡ଼ ସାମ୍ପ୍ରତିକ ସ୍ମୃତିରେ ସବୁଠାରୁ ରୋମାଞ୍ଚକର ପ୍ରତିଯୋଗିତା ମଧ୍ୟରୁ ଗୋଟିଏ ହୋଇଥିବା ବେଳେ ବର୍ଷ ଆଗକୁ ବଢ଼ିବା ସହିତ ତାରକାମାନଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଆହୁରି ତୀବ୍ର ହେବାରେ ଲାଗିଛି ।

ଏହି ବକ୍ସ ଅଫିସ ରେକର୍ଡ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି ଅଭିନେତା ରଣବୀର ସିଂ । ତାଙ୍କର ଆକ୍ସନ ପରିପୂର୍ଣ୍ଣ ଚଳଚ୍ଚିତ୍ର 'ଧୁରନ୍ଧର ୨: ଦ ରିଭେଞ୍ଜ' ୨୦୨୬ର ସବୁଠାରୁ ବଡ଼ ବଲିଉଡ୍ ବ୍ଲକବଷ୍ଟର ଭାବେ ପରିଗଣିତ ହୋଇଛି ଏବଂ ସର୍ବକାଳୀନ ସର୍ବାଧିକ ଆୟକାରୀ ଭାରତୀୟ ସିନେମା ମଧ୍ୟରେ ସ୍ଥାନ ପାଇଛି । ଏହି ଫିଲ୍ମଟି ବିଶ୍ୱ ସ୍ତରରେ ୧,୮୦୦ କୋଟି ଟଙ୍କା ଆୟ କରି ଘରୋଇ ବକ୍ସ ଅଫିସରେ ସର୍ବାଧିକ ଆୟକାରୀ ହିନ୍ଦୀ ଫିଲ୍ମ ପାଲଟିଛି ଏବଂ ଅନ୍ୟ ସମସ୍ତ ଚଳଚ୍ଚିତ୍ର ତୁଳନାରେ ବହୁ ଆଗରେ ରହି ଚାର୍ଟର ଶୀର୍ଷ ସ୍ଥାନ ଅକ୍ତିଆର କରିଛି । ଏହା ଶାହାରୁଖ ଖାନଙ୍କ 'ପଠାନ' ଏବଂ 'ଜବାନ'କୁ ମଧ୍ୟ ପଛରେ ପକାଇ ଦେଇଛି, ତେବେ ବିଶ୍ୱବ୍ୟାପୀ ଆୟ ଦୃଷ୍ଟିରୁ ଆମିର ଖାନଙ୍କ 'ଦଙ୍ଗଲ'ର ସର୍ବୋଚ୍ଚ ରେକର୍ଡକୁ କାଟିବାରେ ଏହା ଅଳ୍ପକେ ବଞ୍ଚିତ ହୋଇଛି । 'ଧୁରନ୍ଧର ୨' ପରେ ବର୍ଷର ଦ୍ୱିତୀୟ ସବୁଠାରୁ ବଡ଼ ବଲିଉଡ୍ ହିଟ୍ ସାବ୍ୟସ୍ତ ହୋଇଛି 'ବର୍ଡର ୨' । ପୁରୁଣା ସ୍ମୃତି ଏବଂ ଦେଶପ୍ରେମର ଉତ୍ସାହକୁ ପୁଞ୍ଜି କରି ଏହି ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ଚମତ୍କାର ପ୍ରଦର୍ଶନ କରିଛି ଏବଂ ଚଳିତ ବର୍ଷ ବିଶ୍ୱ ସ୍ତରରେ ୪୦୦ କୋଟି ଟଙ୍କାର ବ୍ୟବସାୟ ସୀମା ଅତିକ୍ରମ କରିଥିବା କିଛି ସୀମିତ ହିନ୍ଦୀ ଚଳଚ୍ଚିତ୍ର ମଧ୍ୟରେ ସାମିଲ ହୋଇଛି । ଅନ୍ୟପକ୍ଷରେ, ଅନେକ ଛୋଟରୁ ମଧ୍ୟମ ବଜେଟର ଫିଲ୍ମ ମଧ୍ୟ ବଜାରରେ ଭଲ ପ୍ରଦର୍ଶନ କରି ସନ୍ତୋଷଜନକ ସଫଳତା ପାଇଛନ୍ତି । ଆୟୁଷ୍ମାନ ଖୁରାନାଙ୍କ 'ପତି ପତ୍ନୀ ଔର ୱୋ ୨' ପ୍ରମୁଖ ବଡ଼ ଚଳଚ୍ଚିତ୍ରଗୁଡ଼ିକର କଠିନ ପ୍ରତିଯୋଗିତା ସତ୍ତ୍ୱେ ସ୍ଥିର ଆୟ ବଜାୟ ରଖି ବିଶ୍ୱ ସ୍ତରରେ ୬୦ କୋଟି ଟଙ୍କା ଆଡକୁ ଗତି କରିଛି । ସେହିପରି ୧୨୦ କୋଟି ଟଙ୍କା ବଜେଟରେ ନିର୍ମିତ ଅକ୍ଷୟ କୁମାରଙ୍କ ଚଳଚ୍ଚିତ୍ର 'ଭୂତ ବଙ୍ଗଳା' ବିଶ୍ୱ ସ୍ତରରେ ୨୫୦ କୋଟି ଟଙ୍କା ରୋଜଗାର କରିବାରେ ସଫଳ ହୋଇଛି । ରିତେଶ ଦେଶମୁଖଙ୍କ ଅଭିନୀତ 'ରାଜା ଶିବାଜୀ' ମଧ୍ୟ ୧୦୦ କୋଟିରୁ ଅଧିକ ଆୟ କରି ବର୍ତ୍ତମାନ ସୁଦ୍ଧା ପ୍ରେକ୍ଷାଳୟରେ ସଫଳତାର ସହ ଚାଲିଛି । ଅନନ୍ୟା ପାଣ୍ଡେ ଏବଂ ଲକ୍ଷ୍ୟ ଅଭିନୀତ ଚଳଚ୍ଚିତ୍ର 'ଚାନ୍ଦ୍ ମେରା ଦିଲ୍' କେବଳ ଦ୍ୱିତୀୟ ସପ୍ତାହ ମଧ୍ୟରେ ସାରା ବିଶ୍ୱରେ ୨୭ କୋଟି ଆୟ କରିଛି, ମାତ୍ର ମିଶ୍ରିତ ସମୀକ୍ଷା ଯୋଗୁଁ ଏହାର ସାମଗ୍ରିକ ପ୍ରଦର୍ଶନ ହାରାହାରି ସ୍ତର ଠାରୁ ତଳେ ରହିଛି ।

ସଫଳତା ମଧ୍ୟରେ ୨୦୨୬ ବର୍ଷରେ ବଲିଉଡ୍‌ର କେତେକ ବଡ଼ ପ୍ରୋଜେକ୍ଟ ସବୁଠାରୁ ଖରାପ ପ୍ରଦର୍ଶନ କରି ନିରାଶ କରିଛନ୍ତି । କମ୍ ଦର୍ଶକ ଏବଂ ଦୁର୍ବଳ ପ୍ରତିକ୍ରିୟା ଯୋଗୁଁ ଅନେକ ବଲିଉଡ ଚଳଚ୍ଚିତ୍ର ଅକାଳରେ ପ୍ରେକ୍ଷାଳୟରୁ ବିଦାୟ ନେଇଛନ୍ତି । ଆଇଏମଡିବି ରିପୋର୍ଟ ଅନୁଯାୟୀ, ଶାହିଦ କପୁରଙ୍କ ଅଭିନୀତ ଚଳଚ୍ଚିତ୍ର 'ଓ ରୋମିଓ' ୧୦୦ କୋଟି ଟଙ୍କାର ବଡ଼ ବଜେଟରେ ନିର୍ମିତ ହୋଇଥିଲେ ସୁଦ୍ଧା ଘରୋଇ ସ୍ତରରେ ମାତ୍ର ୭୫ କୋଟି ଆୟ କରିପାରିଛି । ସେହିପରି ରାଣୀ ମୁଖାର୍ଜୀଙ୍କ ପ୍ରତିଷ୍ଠିତ ଫ୍ରାଞ୍ଚାଇଜ୍ 'ମର୍ଦାନୀ ୩' ସକାରାତ୍ମକ ସମୀକ୍ଷା ପାଇବା ସତ୍ତ୍ୱେ ବ୍ୟବସାୟିକ ଭାବେ ସାରା ବିଶ୍ୱରେ ମାତ୍ର ୭୪ କୋଟି ଆୟ କରିବାରେ ସୀମିତ ରହିଛି । ଆଦଭି ସେଶ୍ ଏବଂ ମୃଣାଲ୍ ଠାକୁରଙ୍କ ଚଳଚ୍ଚିତ୍ର 'ଡକାଏତ୍: ଏକ ପ୍ରେମ କଥା' ମଧ୍ୟ ସିନେମା ହଲ୍‌ରେ ଶୀଘ୍ର ଫିକା ପଡ଼ିଯାଇ ମାତ୍ର ୪୨ କୋଟି ଆୟ କରିବାକୁ ସକ୍ଷମ ହୋଇଛି । ତେବେ ବକ୍ସ ଅଫିସର ଏହି ମହାଲଢ଼େଇ ଏତିକିରେ ଶେଷ ହୋଇନାହିଁ, କାରଣ ଆଗକୁ ଶାହାରୁଖ ଖାନଙ୍କ 'କିଙ୍ଗ୍' ଏବଂ ରଣବୀର କପୁରଙ୍କ ପୌରାଣିକ ମହାକାବ୍ୟ 'ରାମାୟଣ' ଭଳି ଅତି ପ୍ରତୀକ୍ଷିତ ଚଳଚ୍ଚିତ୍ରଗୁଡ଼ିକ ମୁକ୍ତିଲାଭ କରିବାକୁ ଯାଉଛି । ଏହି ବଡ଼ ସିନେମାଗୁଡ଼ିକରେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିବାର ସମ୍ପୂର୍ଣ୍ଣ ସମ୍ଭାବନା ଥିବାରୁ ରଣବୀର ସିଂଙ୍କ 'ଧୁରନ୍ଧର ୨'ର ସର୍ବୋଚ୍ଚ ସଫଳତା ରେକର୍ଡକୁ କିଏ କାଟିପାରୁଛି, ତାହା ଦେଖିବା ବେଶ୍ ଚିତ୍ତାକର୍ଷକ ହେବ ।

# ଓଡ଼ିଆ ଚଳଚ୍ଚିତ୍ର 'ଡାଏରୀ' ସହ ପୁଣି ଥରେ ପରଦାକୁ ଫେରୁଛନ୍ତି ଅର୍ଦ୍ଧେନ୍ଦୁ

ଓଡ଼ିଆ ସିନେମା ଜଗତର ଜଣାଶୁଣା ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ତାଙ୍କର ଆଗାମୀ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଡାଏରୀ' ସହ ପୁଣିଥରେ ପ୍ରେକ୍ଷାଳୟକୁ ଆସିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛନ୍ତି । ପବିତ୍ର ସାବିତ୍ରୀ ଅମାବାସ୍ୟା ଅବସରରେ ଏହି ପ୍ରତୀକ୍ଷିତ ଫିଲ୍ମର ଆନୁଷ୍ଠାନିକ ଘୋଷଣା କରାଯିବା ସହ ଏହାର ଏକ ଚିତ୍ତାକର୍ଷକ ପ୍ରଥମ ଝଲକ ବା ଗ୍ଲିମ୍ପସ୍ ମଧ୍ୟ ଦର୍ଶକଙ୍କ ସାମ୍ନାକୁ ଅଣାଯାଇଥିଲା । ପ୍ରଥମ ପ୍ରାକ୍‌ଦର୍ଶନ ରିଲିଜ୍ ହେବା ପରଠାରୁ ଫିଲ୍ମଟିକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ଅନେକ ଗୁଣ ବଢ଼ିଯାଇଥିଲା । ଏହି ଉତ୍ସାହକୁ ଆହୁରି ଦ୍ୱିଗୁଣିତ କରିବା ପାଇଁ ନିର୍ମାତାଙ୍କ ପକ୍ଷରୁ ସୋସିଆଲ ମିଡିଆରେ ଏକ ନୂଆ ପୋଷ୍ଟର ଜାରି କରାଯାଇ ଫିଲ୍ମର ଅଫିସିଆଲ ଟିଜର ମୁକ୍ତିଲାଭର ନିର୍ଦ୍ଦିଷ୍ଟ ତାରିଖ ପ୍ରକାଶ କରାଯାଇଛି ।

ଅଭିନେତା ଅର୍ଦ୍ଧେନ୍ଦୁ ନିଜର ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଥିବା ଏହି ନୂଆ ଆକର୍ଷଣୀୟ ପୋଷ୍ଟରରେ ଏକ ରହସ୍ୟମୟ ଡାଏରୀ ଦେଖିବାକୁ ମିଳୁଛି, ଯେଉଁଥିରେ ସୂଚନା ଦିଆଯାଇଛି ଯେ ରବିବାର (୩୧ ମେ') ଦିନ ଏହି ଚଳଚ୍ଚିତ୍ରର ଟିଜର ଜାରି କରାଯିବ । ସୋସିଆଲ ମିଡିଆରେ ଏହି ପୋଷ୍ଟ ସାମ୍ନାକୁ ଆସିବା କ୍ଷଣି ପ୍ରଶଂସକ ଏବଂ ଦର୍ଶକମାନେ କମେଣ୍ଟ ବକ୍ସରେ ଶୁଭକାମନାର ବର୍ଷା କରିବା ସହ ସମ୍ପୂର୍ଣ୍ଣ ସିନେମା ଟିମ୍‌କୁ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଛନ୍ତି । ଏଥି ସହିତ ବହୁ ସଂଖ୍ୟାରେ ଓଡ଼ିଆ ସିନେପ୍ରେମୀ ଏହି ଭିନ୍ନ ସ୍ୱାଦର ଚଳଚ୍ଚିତ୍ରର ମୁକ୍ତିଲାଭକୁ ଚାହିଁ ରହିଥିବା ନେଇ ନିଜର ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି ।




ଏହା ପୂର୍ବରୁ ମୁକ୍ତିଲାଭ କରିଥିବା ୧ ମିନିଟ୍ ୩୩ ସେକେଣ୍ଡର ପ୍ରଥମ ଗ୍ଲିମ୍ପସ୍ ଭିଡିଓରେ ଚଳଚ୍ଚିତ୍ରର ପରିବେଶ ଓ କାହାଣୀର ଗତିପଥ ସମ୍ପର୍କରେ ଏକ ସୁନ୍ଦର ପୂର୍ବାଭାସ ମିଳିଥିଲା । ଭିଡିଓର ପ୍ରାରମ୍ଭରେ ଏକ ପାରମ୍ପରିକ ଘରର ଦୃଶ୍ୟ ଦେଖାଯିବା ସହ ଏକ ସୁନ୍ଦର ବାକ୍ସ ଭିତରେ ରଖାଯାଇଥିବା ଏକ ପୁରୁଣା ଡାଏରୀ ନଜରକୁ ଆସିଥିଲା । ସେହି ଡାଏରୀକୁ ଯେତେବେଳେ ଜଣେ ମହିଳା ଖୋଲୁଛନ୍ତି, ସେଠାରେ ୨୦୧୯ ମସିହାର ଉଲ୍ଲେଖ ରହିଥିବା ଦେଖିବାକୁ ମିଳୁଛି । ଡାଏରୀର ପ୍ରଥମ ପୃଷ୍ଠାରେ ଅଭିନେତା ଅର୍ଦ୍ଧେନ୍ଦୁଙ୍କର ଏକ ଚମତ୍କାର ଫଟୋ ରହିଛି ଏବଂ ତା' ପାର୍ଶ୍ୱରେ 'ମୋ ଠୁ ମୋ ଯାଏଁ...' ବୋଲି ଏକ ଆବେଗପୂର୍ଣ୍ଣ ସଂଳାପ ଲେଖାଯାଇଛି । ଏହା ପର ପୃଷ୍ଠା ଓଲଟାଇବା ସହିତ ଫିଲ୍ମର ଅସଲ ପ୍ରେମ କାହାଣୀ ଆରମ୍ଭ ହେଉଛି, ଯେଉଁଥିରେ ନାୟକ ଓ ନାୟିକାଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ପ୍ରତିଛବି ପ୍ରତିଫଳିତ ହେଉଛି । ଭିଡିଓର ଶେଷ ଭାଗରେ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ ଅବଧିକୁ ଘୋଷଣା କରାଯାଇଛି ଏବଂ ଏହା ଚଳିତ ବର୍ଷ ଓଡ଼ିଶାର ଗଣପର୍ବ ରଜ ଅବସରରେ ପ୍ରେକ୍ଷାଳୟକୁ ଆସିବ ବୋଲି ସ୍ପଷ୍ଟ ହୋଇଛି ।

ନୂତନ ଓଡ଼ିଆ ଚଳଚ୍ଚିତ୍ର 'ଡାଏରୀ' ସମ୍ପର୍କରେ ବିଶେଷ ଭାବେ କହିବାକୁ ଗଲେ, ଏହା ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ବଡ଼ ପରଦାକୁ ଆସିବାକୁ ଯାଉଛି । ଚଳଚ୍ଚିତ୍ରର ମୁଖ୍ୟ ପ୍ରଯୋଜକ ଭାବେ ନିଜେ ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ଏହାର ସହ-ପ୍ରଯୋଜନା ଭାର ସମ୍ଭାଳିଛନ୍ତି ଆଦିକନ୍ଦ ସାହୁ । ସିନେମାର ନିର୍ଦ୍ଦେଶନା ଭାର ଓଡ଼ିଆ ସିନେମା ଜଗତର ଜଣାଶୁଣା ତଥା ଅଭିଜ୍ଞ ନିର୍ଦ୍ଦେଶକ ସୁଶାନ୍ତ ମଣି ଗ୍ରହଣ କରିଛନ୍ତି, ଯାହାଙ୍କ ନିର୍ଦ୍ଦେଶନା ଶୈଳୀ ସବୁବେଳେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥାଏ । ଫିଲ୍ମର ମନଛୁଆଁ କାହାଣୀ, ସ୍କ୍ରିନପ୍ଲେ ଏବଂ ଶାଣିତ ସଂଳାପ ରଚନା କରିଛନ୍ତି ବରିଷ୍ଠ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଓ କୁନା ତ୍ରିପାଠୀ । ଚଳଚ୍ଚିତ୍ରର ଗୀତଗୁଡ଼ିକୁ ସୁମଧୁର ଏବଂ ଆଧୁନିକ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ସୋମେଶ ସତପଥୀ । ଏହି ଚଳଚ୍ଚିତ୍ରର ସିନେମାଟୋଗ୍ରାଫି ବା ଡିଓପି ଦାୟିତ୍ୱରେ ସୀତାଂଶୁ ମହାପାତ୍ର ରହିଥିବା ବେଳେ ଗୀତଗୁଡ଼ିକର କୋରିଓଗ୍ରାଫି କରିଛନ୍ତି ପ୍ରସିଦ୍ଧ ନୃତ୍ୟ ନିର୍ଦ୍ଦେଶକ ଅମିତ ନାୟକ ଏବଂ ଲୁବୁନ୍-ଟୁବୁନ୍ ଯୋଡ଼ି । ଚଳଚ୍ଚିତ୍ରରେ ଅର୍ଦ୍ଧେନ୍ଦୁଙ୍କ ବିପକ୍ଷରେ ମୁଖ୍ୟ ନାୟିକା ଭାବେ ଲୋକପ୍ରିୟ ଅଭିନେତ୍ରୀ ପ୍ରଜ୍ଞା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ, ଯାହାଙ୍କ ସହ ଅର୍ଦ୍ଧେନ୍ଦୁଙ୍କ କେମେଷ୍ଟ୍ରି ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିବ ବୋଲି ଆଶା କରାଯାଉଛି ।

# ଅଭିନେତା ଅଜିତ କୁମାରଙ୍କ ମାଆଙ୍କ ପରଲୋକ

ତାମିଲ ସିନେମାର ସୁପରଷ୍ଟାର ତଥା ଆନ୍ତର୍ଜାତୀୟ ରେସର ଅଜିତ କୁମାରଙ୍କ ପରିବାର ଉପରେ ଭାଙ୍ଗି ପଡ଼ିଛି ଦୁଃଖର ପାହାଡ଼ । ଚେନ୍ନାଇରେ ଅଜିତଙ୍କ ମାଆ ମୋହିନୀ ମଣିଙ୍କର ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ସେ ଦୀର୍ଘ ଦିନ ହେବ ପୀଡ଼ିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ମାର୍ଚ୍ଚ ୨୦୨୩ରେ ଅଜିତଙ୍କ ବାପା ପି. ସୁବ୍ରମଣ୍ୟମ (ପି.ଏସ୍. ମଣି)ଙ୍କର ୮୫ ବର୍ଷ ବୟସରେ ପରଲୋକ ହୋଇଥିଲା । ବାପାଙ୍କ ମୃତ୍ୟୁର ତିନି ବର୍ଷ ପରେ ମାଆଙ୍କୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି ଅଭିନେତା । ମୋହିନୀ ମଣିଙ୍କ ଦେହାନ୍ତ ଖବର ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆରେ ଶୋକର ଲହରୀ ଖେଳିଯାଇଛି । ଫ୍ୟାନ୍ସଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟକ୍ତିତ୍ୱ ଅଜିତଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ସଭାପତି ଏମ୍.କେ ଷ୍ଟାଲିନ ଶୋକ ପ୍ରକାଶ କରି କହିଛନ୍ତି, 'ମୋର ପ୍ରିୟ ଭାଇ ଅଜିତକୁମାରଙ୍କ ମାଆ ମୋହିନୀ ମଣିଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ଜଣେ ପୁତ୍ର ପାଇଁ ମାଆଙ୍କୁ ହରାଇବା ସବୁଠାରୁ ବଡ଼ କଷ୍ଟ । ଅଜିତଙ୍କୁ ସାନ୍ତ୍ୱନା ଦେବା ପାଇଁ ମୋ ପାଖରେ ଭାଷା ନାହିଁ । ଭଗବାନ ଏହି କଠିନ ସମୟରେ ପରିବାରକୁ ସାହସ ଓ ଶକ୍ତି ପ୍ରଦାନ କରନ୍ତୁ ।' ସେହିପରି ବିଶିଷ୍ଟ ଅଭିନେତା ତଥା ରାଜନେତା କମଲ ହାସନ ସୋସିଆଲ ମିଡିଆରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ଲେଖିଛନ୍ତି, 'ଅଜିତ କୁମାରଙ୍କ ମାଆଙ୍କ ବିୟୋଗ ଖବର ପାଇ ମୁଁ ଗଭୀର ଭାବେ ମର୍ମାହତ । ଅଜିତ ଏବଂ ତାଙ୍କ ପରିବାରବର୍ଗଙ୍କୁ ମୋର ହୃଦୟରୁ ଗଭୀର ସମବେଦନା ଜଣାଉଛି ।' ଅନ୍ୟପଟେ ବିଜେପି ନେତା କେ. ଅନ୍ନାମାଲାଇ ମଧ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରି ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଦୁଃଖଦ ସମୟରେ ଅଜିତଙ୍କ ପରିବାର ସହ ଛିଡ଼ା ହୋଇଛନ୍ତି ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ